### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଡେଲାଙ୍ଗ,୧୦।୪(ସମିସ)

ଡେଲାଙ୍ଗ ଥାନା ଅଧୀନ ସେବତୀପୁର ପୂର୍ବପାରି ଗ୍ରାମରୁ ଶୁକ୍ରବାର ଜଣେ ୨୭ ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତଦେହ ଡେଲାଙ୍ଗ ପୁଲିସ ଉଦ୍ଧାର କରିଛି। ସେ ହେଲେ ଧାନକେରା ପଞ୍ଚାୟତ ଜୁଇଲୁଣ୍ଡା ଗ୍ରାମର ରଜନୀକାନ୍ତ ଜେନା। ମୁନିନ୍ଦା ପଞ୍ଚାୟତ ସେବତୀପୁର ପୂର୍ବପାରି ଗ୍ରାମର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏକ ଜଙ୍ଗଲିଆ ସ୍ଥାନକୁ ଆଜି ସକାଳୁ ଶୌଚହେବା ପାଇଁ ଯାଇଥିବା ଜଣେ ମହିଳା ତେନ୍ତୁଳି ଗଛରେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏ ନେଇ ପୁଲିସକୁ ଖବର ଦେବାରେ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ, ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ନାରାୟଣ ବେହେରା, ଏସ୍‌ଆଇ ସୁଧାଂଶୁ ବାରିକ ସଦଳବଳ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ। ତେବେ ମୃତଦେହଟି ଗଛର ମୂଳଠାରୁ ୧୫ ଫୁଟ ଉପରେ ଏକ ଡାଳରେ



ଗାମୁଛା ଦ୍ୱାରା ଝୁଲିଥିବା ବେଳେ ଗଛମୂଳରେ ଯୁବକଙ୍କ ପିନ୍ଧା ଚପଲ ରହିଥିଲା। ଅନ୍ୟପଟେ ଗତ ସନ୍ଧ୍ୟାରୁ ମୃତ ଯୁବକ ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ସାଙ୍ଗସାଥୀ ରାତିରେ ଖୋଜାଖୋଜି କରିଥିଲେ। ତେବେ ଜୁଇଲୁଣ୍ଡା ଗ୍ରାମର ଯୁବକଙ୍କ ଝୁଲନ୍ତା ମୃତଦେହ ସେବତୀପୁର ପୂର୍ବପାରିରୁ ଉଦ୍ଧାର ହୋଇଥିବା ବେଳେ ପୁଅକୁ କେହି ହତ୍ୟା କରି ଟାଙ୍ଗି ଦେଇଥିବା ବାପା କୈଳାସ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୁରୀରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତ୍ୟୁର କାରଣ ନେଇ ତଦନ୍ତ ଆରମ୍ଭ କରିଛନ୍ତି।

ଏ ନେଇ ଡେଲାଙ୍ଗ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରରେ ମୃତ ରଜନୀକାନ୍ତଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

## ଅସ୍ତରଙ୍ଗରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

**ଅସ୍ତରଙ୍ଗ,୧୦।୪(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ଆଜି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ ଓ ବିଡିଓ ସସ୍ମିତା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ସମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ବ୍ଲକ୍ ଅଞ୍ଚଳର ଅନେକ ଭିନ୍ନକ୍ଷମ ବ୍ୟକ୍ତି ଯୋଗ ଦେଇଥିଲେ। ଶିବିରରେ ଭିନ୍ନକ୍ଷମଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା, ଆବଶ୍ୟକ ଉପକରଣ ବଣ୍ଟନ ସମେତ ଅଧିକ ଚିକିତ୍ସା ପାଇଁ ବିଶେଷଜ୍ଞ ପରାମର୍ଶ ପ୍ରଦାନ କରିଥିଲେ। ଶାରୀରିକ ଚିକିତ୍ସା ଓ ପୁନର୍ବାସନ ବିଭାଗର ସହକାରୀ ପ୍ରଫେସର ଡ.ସୁଶୀଲ କୁମାର ନାୟକ, ବରିଷ୍ଠ ଭେଷଜ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଶାନ୍ତନୁ କୁମାର



ଜେନା, ଅସ୍ଥିଶଲ୍ୟ ବିଭାଗର ସ୍ୱତନ୍ତ୍ର ଡାକ୍ତର ଚନ୍ଦ୍ରଶେଖର ମହାପାତ୍ର, କର୍ଣ୍ଣ, ନାସା ଓ ଗଳା ବିଭାଗର ବିଶେଷଜ୍ଞ ଡ. ରବୀନ୍ଦ୍ର କୁମାର ଘଡ଼େଇ, ଚକ୍ଷୁ ବିଶେଷଜ୍ଞ ଡ.ଶୁଭ୍ରାକାଳୀ ପରମଗୁରୁ, ମାନସିକ ରୋଗ ବିଶେଷଜ୍ଞ ଡ.ସମ୍ବିତ କୁମାର ପାତ୍ର, ଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ପୁରୀ ଏବଂ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ପୁରୀର କ୍ଲିନିକାଲ ଫିଜିଓ ଥେରାପିଷ୍ଟ ଅର୍ପିତା ସାହୁ, କର୍ଣ୍ଣ ବିଭାଗର ଡ଼.ଶ୍ରୀ ଚନ୍ଦନ ମହାନ୍ତି ଏବଂ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ପ୍ରତିବର୍ଷ ବ୍ଲକସ୍ତରରେ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମକୁ ଚିହ୍ନଟ କରି ସ୍ୱାସ୍ଥ୍ୟ ସେବା, ପରୀକ୍ଷାନିରୀକ୍ଷା ଓ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ପାଇଁ ଉପକରଣ ଯୋଗାଇ ଦେବାରେ ଗ୍ରାମାଞ୍ଚଳରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ରୋଜାଲିନ୍ ବେହେରା ସମେତ ଅନ୍ୟମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବାର୍‌ହା ଆକ୍ରମଣରେ ବୃଦ୍ଧ ଗୁରୁତର



**ବ୍ରହ୍ମଗିରି,୧୦।୪(ସମିସ):** ଶୁକ୍ରବାର ବାର୍‌ହା ଆକ୍ରମଣରେ ଜଣେ ୮୦ବର୍ଷୀୟ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ସକାଳୁ ପୋଖରରୁ ଶୌଚ ହେବାକୁ ଯାଇଥିବାବେଳେ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ବୃଦ୍ଧ ହେଉଛନ୍ତି କୃଷ୍ଣ ପ୍ରସାଦ ବ୍ଲକ୍ ଯଦୁପୁର ଗ୍ରାମର ଅରକ୍ଷିତ ପଳାଇ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ସକାଳ ୮ଟା ସମୟରେ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ ଅରକ୍ଷିତ। ସେହି ସମୟରେ ତାଙ୍କୁ ପୋଖରୀ ହୁଡ଼ାରେ ଆକ୍ରମଣ କରିଥିଲା ବାର୍‌ହା। ବାର୍‌ହାକୁ ଘଉଡ଼ାଇବାକୁ ଯାଉଥିବା ତାଙ୍କ ପତ୍ନୀଙ୍କ ଉପରେ ମଧ୍ୟ ବାର୍‌ହାଟି ଆକ୍ରମଣ କରିଥିଲା। ତେବେ ସେ ସାମାନ୍ୟ ଆହତ ହୋଇଥିବା ବେଳେ ଅରକ୍ଷିତଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି।

## 'ଆସ ବହିଟିଏ କିଣିବା' ଅଭିଯାନ



**ଚାରିଛକ,୧୦।୪(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଏହି ଅବସରରେ "ଆସ ବହିଟିଏ କିଣିବା ଅଭିଯାନ' ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଏନ୍‌ସିସି ବିଭାଗ ମେଜର ପୁଷ୍ପଲତା ଦଉଙ୍କ ସଂଯୋଜନାରେ ଆୟୋଜିତ ଅଭିଯାନରେ ଇତିହାସ ବିଭାଗ ଅଧ୍ୟାପିକା ସୁଲୋଚନା ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଏବଂ ଓଡ଼ିଆ ବିଭାଗ ଅଧ୍ୟାପିକା ସୁନିତା ନାୟକ ଯୋଗଦେଇ ଛାତ୍ରୀଙ୍କୁ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ ଚନ୍ଦ୍ର କର, ଅର୍ଥନୀତି ଅଧ୍ୟାପକ ଯୋଗେଶ୍ୱର ମୁଣ୍ଡା, ଅଧ୍ୟାପିକା ପୂଜା ବେହେରା, ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଅଧ୍ୟାପକ ସୁକାନ୍ତ କିଶୋର ବଡୁ ପ୍ରମୁଖ ଯୋଗ ଦେଇଥିଲେ।

## ବାହାରଣା ପଞ୍ଚାୟତରେ କୃଷି କର୍ମଶାଳା




**ଚାରିଛକ,୧୦।୪(ସମିସ):** ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତରେ ନିମାପଡ଼ା ଉଦ୍ୟାନ କୃଷି ବିଭାଗ ଅଧିକାରିଣୀ ଶୁଭଶ୍ରୀ କରଙ୍କ ନେତୃତ୍ୱରେ ଆଜି କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ୍ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମୁଖ୍ୟବକ୍ତା ଭାବେ ନିମାପଡ଼ା ଉଦ୍ୟାନ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟ ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ବିଜେପି ସଭାପତି ବ୍ରଜକିଶୋର ନାୟକ, ସଫଳ ମହିଳା ମହୁ ଚାଷୀ ବର୍ଷା ପ୍ରିୟଦର୍ଶିନୀ ନାଥ, ଜୈବିକ କୃଷି ବିଶେଷଜ୍ଞ ସମୀର ବାରିକ, ବିଜେପି ନେତା ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶିବିରକୁ ଆରମ୍ଭ କରିଥିଲେ। ପଞ୍ଚାୟତସ୍ତରରୁ କିଭଳି ଭାବେ ସାଧାରଣ ମହିଳାମାନେ ଉଦ୍ୟାନ ବିଭାଗ ଦ୍ୱାରା ଉନ୍ନତ ମାନର ଚାଷ କରି ନିଜେ ରୋଜଗାରକ୍ଷମ ହୋଇପାରିବେ ସେ ନେଇ ନିଜର ବକ୍ତବ୍ୟ ରଖିଥିଲେ ଉଦ୍ୟାନ କୃଷି ଅଧିକାରୀ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଦ୍ୟାନ ସାଥୀ ମନୋଜ କୁମାର ସ୍ୱାଇଁ, ଉଦ୍ୟାନ ବିଭାଗ ସମ୍ପ୍ରସାରଣ ଅଧିକାରିଣୀ ସିଲ୍‌ଭା ନାୟକ, ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଅଧିଦର୍ଶକ କୁଳମଣି ମହାରଣା ସହଯୋଗ କରିଥିଲେ। ବାହାରଣା ପଞ୍ଚାୟତର ସୁରକ୍ଷା -୨୮ ମିଶନ ଶକ୍ତିର ସଦସ୍ୟା ଓ ଶତାଧିକ ମହିଳା ଯୋଗଦେଇଥିଲେ।

## ଫଳକରେ ସୀମିତ ଗାଁ କଲ୍ୟାଣ ସମିତି

**ବଳଙ୍ଗା,୧୦।୪(ସମିସ):** ଫଳକରେ ସୀମିତ ହୋଇଛି ଗାଁ କଲ୍ୟାଣ ସମିତି। ପରିବେଶ ସ୍ୱଚ୍ଛ, ପ୍ରଦୂଷଣମୁକ୍ତ, ସ୍ୱଚ୍ଛ ଭାରତ ଅଭିଯାନର ମୂଳ ଲକ୍ଷ୍ୟ ହୋଇଥିବାବେଳେ ସେଥିରେ ଏବେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତ୍ୟେକ ପଞ୍ଚାୟତରେ ପରିମଳ ବ୍ୟବସ୍ଥା ସୁଧାର ଆଣିବା ପାଇଁ ଗାଁ କଲ୍ୟାଣ ସମିତି ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟ ଉପରେ ତଦାରଖ ଅଭାବ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅନେକ ସମିତି ସଠିକ କାର୍ଯ୍ୟ କରୁନଥିବା ଅଭିଯୋଗ ହେଉଛି। ଗ୍ରାମମାନଙ୍କରେ କୁଡ଼ କୁଡ଼ ଅଳିଆ ଆବର୍ଜନା ଜମା ହୋଇ ରହିଛି। ନଳକୂପ ମୂଳରେ ପାଣି ଜମା ହୋଇ ରହିବାରୁ ଶଢ଼ି ପଚି ଦୁର୍ଗନ୍ଧ ହେଉଛି। ଗ୍ରାମବାସୀ ସେହି ଜଳ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରତ୍ୟେକ ଗାଁ କଲ୍ୟାଣ ସମିତିକୁ ବାର୍ଷିକ ୧୦ହଜାର ଟଙ୍କା ଅନୁଦାନ ମିଳୁଛି। ଅନେକ ସ୍ଥାନରେ ଏହାର ବିନିଯୋଗ ହେଉ ନ ଥିବା ଅଭିଯୋଗ ହେଉଛି। ଗାଁ କଲ୍ୟାଣ ସମିତି କେବଳ ଫଳକରେ ଲେଖି ନିଜର ଦାୟିତ୍ୱ ତୁଲାଇ ଦେଉଛନ୍ତି। ଲେଖାଯାଉଥିବା ଫଳକକୁ ପ୍ରତିବର୍ଷ ଲିଭାଇ ଦିଆଯାଇ ପୁନଶ୍ଚ ଲେଖିଦିଆଯାଉଛି। ଯୋଜନାର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପର୍କରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ଗ୍ରାମବାସୀ ଜାଣି ପାରୁ ନଥିବା ଅଭିଯୋଗ ହୋଇ ଆସୁଅଛି। ଅନୁଦାନର ସଠିକ ବିନିଯୋଗ ପତ୍ର (ୟୁସି) ପ୍ରଦାନ ପ୍ରତି ଗୁରୁତ୍ୱ ଆରୋପ ପୂର୍ବକ ଅଧିକାରୀ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଉଥିବା ଜଣାପଡ଼ିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ରଘୁ ପ୍ରଧାନ, ସୁରେନ୍ଦ୍ର ବେହେରା, ବନମାଳୀ ଦାସ, ଅଗାଧୁ ଭୋଇ ପ୍ରଭୃତି ଅନେକ ଗ୍ରାମବାସୀ ଦାବି କରିଛନ୍ତି।

## ଶ୍ରୀରାମଚନ୍ଦ୍ର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



**ନିମାପଡ଼ା,୧୦।୪(ସମିସ):** ନିମାପଡ଼ା ବ୍ଲକ ସଲଙ୍ଗ ପଞ୍ଚାୟତ ଝଂଟିଗ୍ରାମ ଶ୍ରୀରାମଚନ୍ଦ୍ର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଙ୍ଗାଧର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟ ବକ୍ତାଭାବେ ଏବିଇଓ ପୁଷ୍ପମିତ୍ରା ମିଶ୍ର, ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ମାନସ କୁମାର ଦାସ, ସିଆର୍‌ସିସି ବିଷ୍ଣୁମୋହନ ପରିଡ଼ା, ପରିଚାଳନା କମିଟି ଉପ-ସଭାପତି ନୃସିଂହ ଚରଣ ସ୍ୱାଇଁ, ପରିଚାଳନା କମିଟି ପୂର୍ବତନ ସଭାପତି କାଳୁ ପରିଡ଼ା, କମିଟି ସଭ୍ୟା ସବିତା ମଲ୍ଲିକ, ସଭ୍ୟ ବିଭୂତି ଭୂଷଣ ବେହେରା, ସନ୍ତୋଷ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ରିତାମରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ାଶିକ୍ଷକ ଅଶୋକ ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କର୍କଟ ପୀଡ଼ିତାଙ୍କ ନିକଟରେ ପହଞ୍ଚିଲା ଜାଗ୍ରତ ଯୁବଶକ୍ତି

**ନିମାପଡ଼ା,୧୦।୪(ସମିସ):** ଆଜି ନିମାପଡ଼ା ବ୍ଲକ୍ ଚଅରପଦା ପଞ୍ଚାୟତ ଡିହବାରୀ ଗ୍ରାମର ପ୍ରଦୀପ ଭୋଇଙ୍କ ପରିବାର ନିକଟରେ ପହଞ୍ଚିଥିଲା ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗ୍ରତ ଯୁବଶକ୍ତି ସଂଗଠନ। ଅସ୍ଥି କର୍କଟ ରୋଗରେ ପୀଡ଼ିତ ହୋଇ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚିକିତ୍ସାଧୀନ ଅବସ୍ଥାରେ ଶଯ୍ୟାଶାୟୀ ଥିବା ପ୍ରଦୀପଙ୍କ ବଡ଼ଝିଅ ତଥା ସ୍ଥାନୀୟ ଜେବିଆର ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀର ଛାତ୍ରୀ ବିଶ୍ୱଜିତାଙ୍କ ଉନ୍ନତ ଚିକିତ୍ସା ପାଇଁ ଜାଗ୍ରତ



ଯୁବଶକ୍ତି ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ପୁରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସହିତ ନିମାପଡ଼ା ତହସିଲଦାରଙ୍କୁ ତଥ୍ୟ ପ୍ରଦାନ କରି ତୁରନ୍ତ ସରକାରୀ ସ୍ତରରେ ସମସ୍ତ ସହାୟତା ପ୍ରଦାନ ପାଇଁ ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟାନନ୍ଦ ଦାସ ପ୍ରମୁଖ ମେଧାବୀ ଛାତ୍ରୀ ବିଶ୍ୱଜିତାଙ୍କ ଆଶୁ ଆରୋଗ୍ୟ ପାଇଁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାର ଓ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି।

## ଲୋକକଳା ଗ୍ରାମରେ ଓଡ଼ିଆ ପକ୍ଷ



**ସାକ୍ଷୀଗୋପାଳ,୧୦।୪(ସମିସ):** ସତ୍ୟବାଦୀ ବ୍ଲକ୍ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିର ଗୋପବନ୍ଧୁ ମଣ୍ଡପରେ ଓଡ଼ିଆ ପକ୍ଷ ଅବସରରେ 'ଲୋକକଳା ପାଇଁ ଦିନଟିଏ' ପାଳିତ ହୋଇଯାଇଛି। ସ୍ଥାନୀୟ ବିଡିଓ ତଥା ବ୍ଲକ୍ କଳାସଂସ୍କୃତି ସଂଘ ଅଧ୍ୟକ୍ଷ ଦେବାଶିଷ ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଲୋକକଳା ଗ୍ରାମର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ଦ୍ୱାରା ଗୋଟିପୁଅ ନୃତ୍ୟ, ମା କ୍ଷେତ୍ରପାଳି ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଦ୍ୱାରା ମୃଦଙ୍ଗ ବାଦ୍ୟନୃତ୍ୟ, ଶ୍ରୀପତିତପାବନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଲୋକକଳା ଗୁରୁ କୁଳମଣି ବିଶ୍ୱାଳ, ମର୍ଦ୍ଦଳ ଗୁରୁ ଅଭିମନ୍ୟୁ ଦାଶ, ରାମଲୀଳା ଗୁରୁ ଧୂରନ୍ଧର ପ୍ରଧାନ, ସଂକୀର୍ତ୍ତନ ଗୁରୁ ପୂର୍ଣ୍ଣଚନ୍ଦ୍ର ବାରିକ ଓ ଗୁରୁ ଉପେନ୍ଦ୍ର ବିଶ୍ୱାଳ, ପାଲାଗାୟକ ଶରତ କୁମାର ବେହେରା, ସଙ୍ଗୀତଜ୍ଞ ବାଦ୍ୟଯନ୍ତ୍ର ଗୁରୁ ଲୋକନାଥ ଭୋଇ, ମଞ୍ଚ ଅଭିନେତା ଭାସ୍କର ମହାପାତ୍ର, ସହଯୋଗୀ ସଙ୍ଗୀତ ପୂର୍ଣ୍ଣଚନ୍ଦ୍ର ଭୋଳ, ଏବଂ ରାମଲୀଳା କଳାକାର ଓ ସ୍ୱଚ୍ଛତା ପାଇଁ ବିଜୟ କୁମାର ପଲେଇଙ୍କୁ ଲୋକକଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଲୋକକଳା ପରିବେଷଣ କରିଥିବା ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ବ୍ଲକ୍ ସହାୟିକା ଯନ୍ତ୍ରୀ ଚିତ୍ରୋତ୍ପଳା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାହିତ୍ୟିକ ଦେବୀପ୍ରସାଦ ମହାପାତ୍ର ଓଡ଼ିଆ ପକ୍ଷ ଓ ଲୋକକଳା ଉପରେ ସୂଚନା ପ୍ରଦାନ କରିଥିଲେ।

ବିଶିଷ୍ଟ ପାଲାଗାୟକ ତଥା ଶିକ୍ଷକ ସଦାଶିବ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ କୈଳାସ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସାହୁ, ସୁଦର୍ଶନ ପରିଡ଼ା, ସହଯୋଗ କରିଥିବାବେଳେ ବ୍ଲକ୍ କଳାସଂସ୍କୃତି ସଂଘ ଉପାଧ୍ୟକ୍ଷ ଗୁରୁ ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏମ୍‌ଡିଏମ୍ ଇନ୍‌ଚାର୍ଜଙ୍କ ବିନା ଦସ୍ତଖତରେ ଡିପୋରୁ ଉଠୁଛି ଚାଉଳ; ତଦନ୍ତ ଦାବି

**ଗମ୍ଭାରୀପଦା,୧୦।୪(ସମିସ):** ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଶିକ୍ଷା ବିଭାଗରେ ବିଇଓ ପଦବୀ ସହ ୨ ଏବିଇଓ ପଦବୀ ଦୀର୍ଘ ଦିନଧରି ଖାଲି ପଡ଼ିଛି। କାକଟପୁର ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁଙ୍କୁ କାକଟପୁର ଓ ଅସ୍ତରଙ୍ଗ ୨ଟି ବ୍ଲକ୍‌ର ଭାରପ୍ରାପ୍ତ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ କାକଟପୁର ବ୍ଲକ୍ ୩ ଜଣ ଏବିଇଓ ସ୍ଥାନରେ ଜଣେ ମାତ୍ର ଏବିଇଓ ଅଛନ୍ତି। ବ୍ଲକ୍‌ରେ ଖାଲି ପଡ଼ିଥିବା ଅନ୍ୟ ୨ ଏବିଇଓ ପଦବୀରେ ତାଳସୁଆଁ ପ୍ରାଥମିକ ଓ ଗୋପୀକାନ୍ତପୁର ନୋଡାଲ ବିଦ୍ୟାଳୟର ଲେବୁଲ ଥ୍ରୀ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ କାଣ୍ଡି ଓ ମଲ୍ଲିକ ଜାକିର ହୋସେନଙ୍କୁ ଦୀର୍ଘ ଦିନ ଧରି ଭାରପ୍ରାପ୍ତ ଏବିଇଓ ଦାୟିତ୍ୱ ଦିଆଯାଇଛି। ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ଏକରକମ ବାଧାପ୍ରାପ୍ତ ହେଉଥିବା ଅବିଭାବକମାନେ ଅଭିଯୋଗ କରୁଛନ୍ତି। ବ୍ରହ୍ମାନନ୍ଦଙ୍କୁ ବ୍ଲକ୍ ସମଗ୍ର ଶିକ୍ଷାର ଦାୟିତ୍ୱ ଦିଆଯାଇଥିବା ବେଳେ ଆର୍‌ଟିଆଇ ଦାୟିତ୍ୱରେ ଜାକିର ହୋସେନ ଅଛନ୍ତି। ଏବିଇଓ ବଂଶୀଧର ମଲ୍ଲିକଙ୍କୁ ଏମ୍‌ଡିଏମ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ନୋଡାଲ ଅଧିକାରୀ ଶ୍ରୀ ମଲ୍ଲିକଙ୍କ ବିନା ସ୍ୱାକ୍ଷରରେ ୧୭ ଶହ କୁଇଣ୍ଟାଲ ଚାଉଳ ସାକ୍ଷୀଗୋପାଳ ଓ ନିମାପଡା ମଧ୍ୟାହ୍ନ ଭୋଜନ ଡିପୋରୁ ଉଠିଛି ବୋଲି ନୋଡାଲ ଅଧିକାରୀ ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ ମଲ୍ଲିକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ କାକଟପୁର ବ୍ଲକ୍ ଭାରପ୍ରାପ୍ତ ବିଇଓଙ୍କ ନିର୍ଦ୍ଦେଶକ୍ରମେ ସାକ୍ଷୀଗୋପାଳରେ ଥିବା ଏମ୍‌ଏମ୍ ପୋଷଣ ଓ ନିମାପଡ଼ାରେ ଥିବା ପିଏମ୍ ପୋଷଣ ଚାଉଳ ଡିପୋକୁ ତଦନ୍ତରେ ଯାଇଥିଲେ। ମାତ୍ର ତଦନ୍ତରୁ ଜଣାପଡିଲା ଯେ କାକଟପୁର ବ୍ଲକ୍ ଏମ୍‌ଡିଏମ୍ ଇନଚାର୍ଜ ଶ୍ରୀ ମଲ୍ଲିକଙ୍କ ଅନୁପସ୍ଥିତିରେ ଏବଂ ବିନା ହସ୍ତାକ୍ଷରରେ ସାକ୍ଷୀଗୋପାଳ ଏମଏମ ପୋଷଣ ଡିପୋରୁ ଗତ ଡିସେମ୍ବର ୧୫ରେ ୨ ଶହ କୁଇଣ୍ଟାଲ, ୧୬ ରେ ୧ ଶହ କୁଇଣ୍ଟାଲ ଓ ୨୩ ଫେବୃୟାରୀରେ ୪ ଶହ କୁଇଣ୍ଟାଲ ଚାଉଳ ଉଠିଛି। ନିମାପଡା ପିଏମ ପୋଷଣ ଡିପୋରୁ ୨୦୨୫ ଡିସେମ୍ବର ୧୦ରେ ୫ ଶହ ୯୮ କୁଇଣ୍ଟାଲ ୪୦ କେଜି ଚାଉଳ ଉଠାଯାଇଛି। ସେହିପରି ୨୦୨୬ ଫେବଅୟାରୀ ୨ରେ ଶିଶୁବାଟିକା ପାଇଁ ୪ କୁଇଣ୍ଟାଲ ଚାଉଳ ଡିପୋରୁ ଉଠାଯାଇଛି। ତେବେ ଏହି ଚାଉଳ ଡିପୋରୁ ଉଠିବା ପଛରେ ବ୍ଲକ୍ ଶିକ୍ଷାବିଭାଗ ଡିଇଓଙ୍କ ଭୂମିକା ଉପରେ ଶ୍ରୀ ମଲ୍ଲିକ ପ୍ରଶ୍ନ ଉଠାଇଛନ୍ତି। ଏହି ତଦନ୍ତ ରିପୋର୍ଟକୁ ନୋଡାଲ ଅଧିକାରୀ ଶ୍ରୀ ମଲ୍ଲିକ ବ୍ଲକ୍ ଶିକ୍ଷା ବିଭାଗ ଭାରପ୍ରାପ୍ତ ବିଇଓଙ୍କୁ ଜଣାଇବା ସହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ମଲ୍ଲିକଙ୍କୁ ଏମ୍‌ଡିଏମ୍ ଇନଚାର୍ଯ୍ୟ ନୋଡାଲ ଅଧିକାରୀ କ୍ଷମତାରୁ ଅପସାରଣ କରି ତାଙ୍କ ସ୍ଥାନରେ ଲେବୁଲ ଥ୍ରୀ ପ୍ରଧାନଶିକ୍ଷକ ତଥା ଭାରପ୍ରାପ୍ତ ଏବିଇଓ ଦାୟିତ୍ୱରେ ଥିବା ମଲ୍ଲିକ ଜାକିର ହୋସେନଙ୍କୁ ଦାୟିତ୍ୱ ଦେଇଛନ୍ତି। କେଉଁ ଆଧାରରେ ଜିଲ୍ଲା ଶିକ୍ଷାଧିକାରୀ ଦୁର୍ନୀତି ବିରୋଧରେ ଅଭିଯୋଗକାରୀ ଶ୍ରୀ ମଲ୍ଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଦିଆଯାଇଥିବା ଦାୟିତ୍ୱରୁ ଅନ୍ତର କଲେ ତାହାର ଭିଜିଲାନ୍ସ ତଦନ୍ତ କରାଗଲେ କାକଟପୁର ବ୍ଲକ୍ ଶିକ୍ଷା ବିଭାଗ ଦୁର୍ନୀତିର ଚେର କେଉଁ ପର୍ଯ୍ୟନ୍ତ ଯାଇଛି ଜଣାପଡ଼ିବ ବୋଲି ସାଧାରଣରେ ଦାବି ହେଉଛି।

## ଚାରିଛକ ଥାନା ମେଳଣ ନିମନ୍ତେ ପ୍ରସ୍ତୁତି ବୈଠକ

**ଚାରିଛକ,୧୦।୪(ସମିସ):** ଚାରିଛକ ଥାନା ମେଳଣ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏଏସ୍‌ଆଇ କୈଳାସ ପ୍ରଧାନ, ଏସ୍‌ଆଇ ଇନ୍ଦୁଲତା ମିଶ୍ର, ଏଏସ୍‌ଆଇ ସବିତା କୁମାରୀ ଦେବୀ, ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁର୍‌କ ସମେତ ଚାରିଛକ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଆସନ୍ତା ୨୦ ତାରିଖ ଅକ୍ଷୟତୃତୀୟା ଦିନ ସ୍ୱମନ୍ଦିରରୁ ଠାକୁରଙ୍କୁ ଏକ ସୁସଜୀତ ବିମାନରେ ବିରାଜମାନ କରାଇ ବାଜା ବଜାଇ ଆତସବାଜି ଫୁଟାଇବା ସହ ନାମ ସଂକୀର୍ତ୍ତନ, ଘୋଡାନାଚ ଆଦି ଠାକୁରଙ୍କ ସମ୍ମୁଖରେ ପରିବେଷଣ ହୋଇଥାଏ। ଚାରିଛକ ବଜାର, ଓରପଟ, ବ୍ରହ୍ମକୁଣ୍ଡୀ ଆଦି ଗ୍ରାମରେ ଶ୍ରଦ୍ଧାଳୁଙ୍କ ଘରୁ ଭୋଗଲାଗି ହେବାପରେ ଥାନା ପରିସରରେ ଆସି ଠାକୁର ବିରାଜମାନ କରନ୍ତି। ସେଠାରେ ଭୋଗଲାଗି ପରେ ପୁର୍ନବାର ବିମାନରେ ଠାକୁରଙ୍କୁ ସ୍ୱମନ୍ଦିରକୁ ନିଆଯାଏ। ଥାନା ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ।

### ରାଜ୍ୟସ୍ତରୀୟ ଲୋକକଳା ଦିବସ

# 'ଲୋକ କଳା ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକ'

ପିପିଲି,୧୦।୪(ସମିସ)

ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତି ଓ ଲୋକ କଳା ମହାନ। ଲୋକକଳା, ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକ। ଏହାକୁ ଆହୁରି ଅଧିକ ପରିବ୍ୟାପ୍ତ ଆମ ସମସ୍ତଙ୍କ ଧ୍ୟେୟ ହେବା ଉଚିତ ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ପିପିଲି ପଦା ପଡ଼ିଆ ଠାରେ ରାଜ୍ୟସ୍ତରୀୟ ଲୋକକଳା ପାଇଁ ଦିନଟିଏ ଉତ୍ସବ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆମ ମହାନ ଲୋକକଳାର ସ୍ୱତନ୍ତ୍ରତା ଉପରେ ମତ ରଖିଥିଲେ।




ଓଡ଼ିଆ ପକ୍ଷ ଅବସରରେ ଆମ ଖାଦ୍ୟ, ପୋଷାକ ପରିଧାନ, ଝୋଟି, ମୁରୁଜ ଅଙ୍କନ, ନୃତ୍ୟ ସଂଗୀତ, ଲୋକ କଳା ପ୍ରଦର୍ଶନ, ଯୁବବର୍ଗଙ୍କ ମଧ୍ୟରେ ସାହିତ୍ୟ ସମୃଦ୍ଧିର ନବ ଉନ୍ମେଷ ଓ ଓଡ଼ିଆ ନବବର୍ଷ ପାଳନ ପାଇଁ ବ୍ୟବସ୍ଥା କରି ଓଡ଼ିଆ ଅସ୍ମିତାକୁ ପରିବ୍ୟାପ୍ତ କରାଯାଇଛି। ପିପିଲିରେ ଖୁବଶୀଘ୍ର ଜାତୀୟ ରାଜପଥ ପାଶ୍ୱର୍ରେ ଶତାଧିକ ଚାନ୍ଦୁଆ ବ୍ୟବସାୟୀଙ୍କୁ ନେଇ ବୃହତ ଚାନ୍ଦୁଆ ବଜାର କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସମସ୍ତ ଲୋକ କଳା ଆମ ମହାନ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଓ ପରିଚୟ ବୋଲି କହିଥିଲେ।

ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମ୍ୟୁନିସିପାଲ କର୍ପୋରେସନର କମିଶନର ଅରୁଗୁଲା ସ୍ନେହା ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅତି ମହାନ ବୋଲି କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଡ ସ୍ମିତା ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ରାଜ୍ୟର ୩୦ ଜିଲ୍ଲାର ପ୍ରାୟ ୧ ହଜାର କଳାକାର ପାରମ୍ପରିକ ବେଶ ପୋଷାକରେ ଜବାହର ବିଦ୍ୟାପୀଠ ଠାରୁ ଏକ ଶୋଭାଯାତ୍ରାରେ ପଦା ପଡ଼ିଆ ଠାରେ ପହଞ୍ଚିଥିଲେ। ଏହି ଅବସରରେ ମାଲଖମ୍ବ, ଗୋଟିପୁଅ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ଆଜି ସୁଦର୍ଶନଙ୍କ ଜନ୍ମଦିନ

# ସାରା ବିଶ୍ୱ ପାଳିବ 'ଛେନାପୋଡ଼ ଦିବସ'

ନୟାଗଡ଼,୧୦।୪(ସମିସ)

ଛେନାପୋଡ଼ ପାଇଁ ନୟାଗଡ଼, ନୟାଗଡ଼ ପାଇଁ ଛେନାପୋଡ଼ ସୁନାମ ଅର୍ଜନ କରିଛି। ନୟାଗଡ଼ରୁ ଜନ୍ମଲାଭ କରିଥିବା ଛେନାପୋଡ଼ ସମଗ୍ର ରାଜ୍ୟ କାହିଁକି ରାଜ୍ୟ ବାହାରେ ମଧ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଛେନାପୋଡ଼ କଥା ମନେପଡ଼ିଲେ ମନରେ ସ୍ୱତଃ ଜାଗିଉଠେ ଓଡ଼ିଆ ଚଳଚ୍ଚିତ୍ର ଅକ୍ଷୟ ତୃତୀୟାର ସୁମଧୁର ସଙ୍ଗୀତ 'ଆସ କିଏ ଖାଇବ ହୋ, ଆମ ରାଜା ବାବୁଘର ଖାନା'। କଣ୍ଠଶିଳ୍ପୀ ତାନସେନ ସିଂ ଗାଇଥିବା ଏହି ସୁମଧୁର ଗୀତ ଲୋକପ୍ରିୟତାର ପ୍ରମାଣ ଦେଇଥାଏ। ମିଠା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଏହି ଛେନାପୋଡ଼ ବର୍ତ୍ତମାନ ନୟାଗଡ଼ରୁ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଦିନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ମାଲକାନଗିରି, ଭବାନୀପାଟଣା, ବଲାଙ୍ଗିର, ବୌଦ୍ଧ, କେନ୍ଦୁଝର କନ୍ଧମାଳ ଜିଲ୍ଲା ସମେତ ଛତିଶଗଡ଼, କୋଲକାତା, ଦୁର୍ଗାପୁର, ରାୟପୁର ପ୍ରଭୃତି ସ୍ଥାନକୁ ଦୂରଗାମୀ ବସ୍ ଯୋଗେ ପଠାଯାଇଥାଏ। ନୟାଗଡ଼ ଛେନାପୋଡ଼ ଏବେ କୁଟୀରଶିଳ୍ପରେ ପରିଣତ ହୋଇଛି। କିଲୋ ପିଛା ୩୫୦ ଟଙ୍କା ପର୍ଯ୍ୟନ୍ତ ଛେନାପୋଡ଼ ବିକ୍ରି କରାଯାଉଛି। ନୟାଗଡ଼ରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ମିଠାକୁ ଭୌଗୋଳିକ ସଙ୍କେତ ତଥା ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦୀର୍ଘବର୍ଷ ତଳୁ ଦାବି ଉଠିଛି। ୨୦୨୩ ମାର୍ଚ୍ଚ ୪ରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏ ନେଇ ଚିଠି ଲେଖିଥିଲେ। ପରେ ବିଧାୟକ ଡ. ସାହୁ ତତ୍କାଳୀନ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ ଓ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଭେଟିବା ସହ ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବି ଉଠାଇଥିଲେ। ଜିଲ୍ଲା ପ୍ରଶାସନ ଜିଆଇ ଟ୍ୟାଗ ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରି ୨୦୨୩ ମାର୍ଚ୍ଚ ୨୦ରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କରାଯାଇଛି। ଜିଆଇ ଟ୍ୟାଗ ମିଳିବା ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉତ୍ପତ୍ତିସ୍ଥଳ ସଠିକ ରୂପେ ନିରୂପଣ କରାଯାଇପାରେ।

### ଛେନାପୋଡ଼କୁ ନେଇ ବିବାଦ

ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନଙ୍କ ବାପା ବିଦ୍ୟାଧର ସାହୁ ବୋଲି ଅନେକ ଦାବି କରନ୍ତି। ଡିସେମ୍ବର ୩୧ ତାରିଖ ବିଦ୍ୟାଧରଙ୍କ ଶ୍ରାଦ୍ଧବାର୍ଷିକୀକୁ ଦଶପଲ୍ଲା ଅଞ୍ଚଳରେ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। କିନ୍ତୁ ନୟାଗଡ଼ ସମେତ ସାରା ବିଶ୍ୱରେ ଏପ୍ରିଲ ୧୧ ତାରିଖ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଏହି ବିବାଦ କାରଣରୁ ଜିଆଇ ମାନ୍ୟତା ମିଳିବାରେ ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ଉଭୟ ବାପା ଓ ପୁଅଙ୍କ ଭୂମିକା ଛେନାପୋଡ଼ ପ୍ରସ୍ତୁତିରେ ରହିଥିବା ତାଙ୍କ ପରିବାର ସଦସ୍ୟ କହୁଥିବା ବେଳେ ଜାଣିଶୁଣି ବିବାଦ ସୃଷ୍ଟି ଦ୍ୱାରା ନୟାଗଡ଼ର ଗୌରବ କ୍ଷୁଣ୍ଣ ହେଉଥିବା ଆଲୋଚନା ହେଉଛି।



ଛେନାପୋଡ଼ ପ୍ରଥମେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳର ସୁଦର୍ଶନ ସାହୁ ପ୍ରସ୍ତୁତ କରିଥିଲେ। ସେ ନୟାଗଡ଼ କଚେରି ନିକଟରେ ଏକ ଛୋଟ ମିଠା ଦୋକାନ କରିଥିଲେ। ପରେ ତାଙ୍କ ଦ୍ୱାରା ପ୍ରସ୍ତୁତ ଛେନାପୋଡ଼ ନୟାଗଡ଼ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିବା ସହ ସାରା ରାଜ୍ୟରେ ମିଠା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଛେନାପୋଡ଼କୁ ସ୍ମରଣୀୟ କରିବା ପାଇଁ ସୁଦର୍ଶନଙ୍କ ଜୟନ୍ତୀ ଅବସରରେ ୨୦୨୨ ମସିହା ଏପ୍ରିଲ ୧୧ ତାରିଖରେ ପ୍ରଥମ କରି ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହା ପାଳନ କରିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ୨୦୨୩ରେ ପ୍ରଥମ କରି ଏହାକୁ ସରକାରୀ ସ୍ତରରେ ପାଳନ କରାଯାଇଥିଲା। ତତ୍କାଳୀନ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶରେ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା। ଆସନ୍ତାକାଲି ଛେନାପୋଡ଼ର ଜନକ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଅବସରରେ ନୟାଗଡ଼ଠାରୁ ଆରମ୍ଭ କରି ବିଶ୍ୱର ବିଭିନ୍ନ ସ୍ଥାନରେ ଛେନାପୋଡ଼ ଦିବସ ପାଳନ କରାଯିବ ବୋଲି ସୂଚନା ମିଳିଛି।

### ସରକାରୀ ଭାବେ ପାଳନ ପାଇଁ ଜିଲ୍ଲାପାଳଙ୍କ ଘୋଷଣା

ନୟାଗଡ଼ ଜିଲ୍ଲାର ବହୁ ଏସଏଚଜି ମହିଳା ଛେନାପୋଡ଼ ବ୍ୟବସାୟ କରି ଲକ୍ଷପତି ହୋଇଛନ୍ତି। ଆଗାମୀ ଦିନରେ ସେମାନେ ମହାଲକ୍ଷପତି ହେବେ। ଛେନାପୋଡ଼ ପାଇଁ ନୟାଗଡ଼ ପ୍ରସିଦ୍ଧ। ଏପ୍ରିଲ ୧୧କୁ ବହୁ ଲୋକ ଛେନାପୋଡ଼ ଦିବସ ପାଳନ ପାଇଁ ଦାବି କରିଛନ୍ତି। ଏଣୁ ଆସନ୍ତାକାଲି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ସରକାରୀ ଭାବେ ଛେନାପୋଡ଼ ଦିବସ ପାଳନ ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଏମାନଙ୍କ ମତରେ...



ନୟାଗଡ଼ ଛେନାପୋଡ଼ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜିଲ୍ଲାର ୧୨ ଲକ୍ଷ ଲୋକ ସାର୍ବଜନୀନ ଭାବେ ଛେନାପୋଡ଼ ଦିବସକୁ ଆନ୍ତରିକତାର ସହ ପାଳନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହାକୁ ନେଇ କୌଣସି ବିବାଦ ସୃଷ୍ଟି ହେବା ନୟାଗଡ଼ ଜିଲ୍ଲାର ଗୌରବକୁ କ୍ଷୁଣ୍ଣ କରିବ। କେବଳ ଜିଆଇ ଟ୍ୟାଗ ନୁହେଁ, ଏହା ଗିନିସ୍ ବୁକ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇବା ଆବଶ୍ୟକ।

**ଅନନ୍ତ ସାହୁ, ଇଟାମାଟି, ନୟାଗଡ଼**



ସ୍ୱାଦିଷ୍ଟ ମିଠା ଛେନାପୋଡ଼ ନୟାଗଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ ପାଲଟିଛି। ଜିଆଇ ଟ୍ୟାଗ ମିଳିବା ପରେ ଛେନାପୋଡ଼ ନୟାଗଡ଼ ପାଇଁ ଆଉ ଏକ ନୂତନ ପରିଚୟ ହେବ। ଜିଆଇ ଟ୍ୟାଗ ପାଇଁ ୨୦୧୭ରୁ ଉଦ୍ୟମ ଆରମ୍ଭ ହୋଇଛି। ଏହା ମଧ୍ୟରେ ୮ ବର୍ଷ ବିତିଗଲାଣି। ସମସ୍ତେ ମିଳିମିଶି ଜିଆଇ ଟ୍ୟାଗ୍ ମିଳିବା ଉପରେ କାର୍ଯ୍ୟ କରିବା ଆବଶ୍ୟକ।

**ପ୍ରମୋଦ ପଟ୍ଟନାୟକ, ସମାଜସେବୀ**



ପାହାଳ ରସଗୋଲା ବଜାର ପରି ନୟାଗଡ଼ରେ ଛେନାପୋଡ଼ ବ୍ୟବସାୟ ପେଣ୍ଠର ଆବଶ୍ୟକତା ଅଛି। ନୟାଗଡ଼ ମ୍ୟୁନିସପାଲିଟି ଧ୍ୟାନ ଦେଉ। ନୟାଗଡ଼ ଟ୍ରାଫିକ ଛକ ରାସ୍ତାକଡ଼ରେ ମିଳୁଥିବା ଭେଜାଲ ପୋଡ଼ ଉପରେ ରୋକ୍ ଲଗାଯାଉ। ମାଛିପଡ଼ା, ଘଡୁଆଳ କିମ୍ବା ଷ୍ଟେସନ ବଜାରରେ ଛେନାପୋଡ଼ ବ୍ୟବସାୟ ପ୍ରତିଷ୍ଠାନ ଏକତ୍ର ଗଢ଼ି ଉଠିଲେ ଦେଶର ବିଭିନ୍ନ ପ୍ରାନ୍ତକୁ ଏପରିକି ଦେଶ ବାହାରକୁ ନୟାଗଡ଼ର ସ୍ୱାଦିଷ୍ଟ ଛେନାପୋଡ଼ ପହଞ୍ଚିପାରିବ ଓ ଏହାର ପ୍ରଚାରପ୍ରସାର ହୋଇପାରିବ।

**ପ୍ରଭାତ ମିଶ୍ର, କବି**



ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜୟନ୍ତୀ ଉପଲକ୍ଷେ ଛେନାପୋଡ଼ ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲି। ଆଜି ଏ ଉତ୍ସବ ଏତେ ବଡ଼ ଆକାର ନେବା ଦେଖି ବେଶ୍ ଖୁସି ଲାଗୁଛି। ଛେନାପୋଡ଼ ନୟାଗଡ଼ର ଦରବ, ଓଡ଼ିଶାର ଗରବ ପାଲଟିଯାଇଛି। ଜୟ ଛେନାପୋଡ଼।

**ସୁବ୍ରତ କୁମାର ନାୟକ, ସାମ୍ବାଦିକ**



ବିଶ୍ୱ ଛେନାପୋଡ଼ ଦିବସ ବେଶ୍ ଉତ୍ସାହ ଓ ଉଦ୍ଦୀପନାରେ ପାଳିତ ହେଉଛି। କେବଳ ନୟାଗଡ଼ରେ ବା ନୟାଗଡ଼ିଆ ନୁହନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକେ ଜାକଜମକରେ ଏହି ଦିବସ ପାଳୁଛନ୍ତି। ଛେନାପୋଡ଼ର ଉତ୍ପତ୍ତି ସ୍ଥାନ ନୟାଗଡ଼ ହେଲେ ମଧ ଓଡ଼ିଶାର ଏକ ସ୍ୱାଦିଷ୍ଟ ମିଠା ଭାବେ ଦେଶ ବିଦେଶରେ ଆଦୃତି ଲାଭ କରିପାରିଛି। କ୍ଷୀରରୁ ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ ହେଉଥିବା ଛେନାପୋଡ଼ର ପ୍ରସାର ହେଲେ ଏହା ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ ବେଶ୍ ଉପଯୋଗୀ ହୋଇପାରିବ। ଏହାର ଗୁଣବତ୍ତା ଉପରେ ଧ୍ୟାନ ଦେବାର ସମୟ ଆସିଛି। ବିଶେଷକରି ନୟାଗଡ଼ରେ ଏକ ଛେନାପୋଡ଼ ମାର୍କେଟ କମ୍ପ୍ଲେକ୍ସ ଖୋଲାଯିବା ଆବଶ୍ୟକ। ଛେନାପୋଡ଼କୁ ଜିଆଇ ଟ୍ୟାଗ ମିଳିବା ପ୍ରାସଙ୍ଗିକ କଥା। ଏ ଦିଗରେ ପ୍ରଶାସନ ଓ ସରକାର ଯଥାର୍ଥ ପଦକ୍ଷେପ ନେବେ ବୋଲି ଆଶା ଓ ବିଶ୍ୱାସ ରହିଛି।

**ଶରତ ଚନ୍ଦ୍ର ଆଚାର୍ଯ୍ୟ, କବି ଓ ଅନୁବାଦକ**



ଓଡ଼ିଶାରେ ନୟାଗଡ଼ ତାହାର ମହାପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆଜିର ଦିନରେ ସମଗ୍ର ବିଶ୍ୱରେ ନୟାଗଡ଼ ଛେନାପୋଡ଼ ପାଇଁ ଆଲୋଚିତ। ଛେନାପୋଡ଼ ଦେଶ ତଥା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ମିଠାର ଜିଆଇ ମାନ୍ୟତା ଆବଶ୍ୟକତା ରହିଛି। ଛେନାପୋଡ଼ ନୟାଗଡ଼ ତଥା ଓଡ଼ିଶାର ସ୍ୱତନ୍ତ୍ର ମିଠା ହୋଇଥିବାରୁ ଜିଆଇ ମାନ୍ୟତା ପାଇଁ ଏହାକୁ ନେଇ ଏକ ଭିନ୍ନ ଧରଣର ଜନଆନ୍ଦୋଳନରେ ଆରମ୍ଭ ହୋଇଛି। ଏଥିରେ ସମସ୍ତଙ୍କ ଭାଗିଦାରୀ ରହିବା ଆବଶ୍ୟକ।

**ଆଶୁତୋଷ ଦାଶ, ସମାଜସେବୀ**



ନୟାଗଡ଼ ଛେନାପୋଡ଼ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏଣିକି ଓଡ଼ିଆ ଘରର ଜନ୍ମଦିନ, ବିବାହ ତଥା ପର୍ବପର୍ବାଣୀରେ ଛେନାପୋଡ଼ କାଟି ଉତ୍ସବ ପାଳନ କଲେ ସୁଦର୍ଶନ ସାହୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଏଥିସହ ଏହି ଶିଳ୍ପକୁ ତୁରନ୍ତ ଜିଆଇ ଟ୍ୟାଗ ମାନ୍ୟତା ନିମନ୍ତେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କଲେ ନୟାଗଡ଼ବାସୀ ଉପକୃତ ହେବେ।

**ସୂର୍ଯ୍ୟପ୍ରସାଦ ଦାଶ, ପୁରୁଣା ସହର, ନୟାଗଡ଼**



ଦଶପଲ୍ଲା ନିବାସୀ ସୁଦର୍ଶନ ସାହୁ ଓ ତାଙ୍କ ବାପା ବିଦ୍ୟାଧର ସାହୁଙ୍କ ମିଳିତ ପ୍ରଚେଷ୍ଟାରେ ଛେନା ଆଉ ଚାଉଳ ଚୁନାକୁ ନେଇ ପ୍ରସ୍ତୁତ ଛେନାପୋଡ଼ ଆଜି ବିଶ୍ୱବିଦିତ। ନୟାଗଡ଼ ଛେନାପୋଡ଼ କଥା ଶୁଣିଲେ ନିଜକୁ ଗର୍ବ ଅନୁଭବ ହୁଏ। ଜିଆଇ ଟ୍ୟାଗ ଏହାର ପରିଚୟ ଏବଂ ଗୌରବ ବୃଦ୍ଧିରେ ସହାୟକ ହୋଇପାରିବ।

**ବେଣୁଧର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ, ଭାପୁର**



ଛେନାପୋଡ଼ର ପ୍ରଚାରପ୍ରସାର ପାଇଁ ବିଶ୍ୱ ଛେନାପୋଡ଼ ଦିବସର ପରିକଳ୍ପନା। ଗର୍ବର କଥା, ବର୍ଷକୁ ବର୍ଷ ଏହା ରେକର୍ଡ ସୃଷ୍ଟି କରୁଛି। ଏହା ବିଶ୍ୱବ୍ୟାପୀ ପାଳନ ହେଉଛି। କୁଇଣ୍ଟାଲ କୁଇଣ୍ଟାଲ ଛେନାପୋଡ଼ ନୟାଗଡ଼ରୁ ବିଭିନ୍ନ ସ୍ଥାନକୁ ରପ୍ତାନୀ ହେଉଛି। ଛେନାପୋଡ଼ର ଯେତେ ପ୍ରଚାରପ୍ରସାର ହେବ ଦୁଗ୍ଧ ବ୍ୟବସାୟୀଙ୍କଠାରୁ ଗ୍ରାହକ ସେତେ ଉପକୃତ ହେବେ। ଫଳରେ ନୟାଗଡ଼ ଜିଲ୍ଲାର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ବିଶେଷ ଉନ୍ନତି ହୋଇପାରିବ। ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା, ସ୍ରଷ୍ଟାଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ନୟାଗଡ଼ରେ ସ୍ୱତନ୍ତ୍ର ଛେନାପୋଡ଼ର ଶିଳ୍ପ ଓ ବଜାର ବ୍ୟବସ୍ଥା ପାଇଁ ସରକାର ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ।

**ଜୟେନ୍ଦ୍ର ବେହେରା, ଯୁବ ସାମ୍ବାଦିକ, ନୟାଗଡ଼**

---

**● ମନରେଗା ଜନଶୁଣାଣି ଶିବିର**

# ଉଦ୍ୟାନ ବିଭାଗ ନାଁରେ ମାଳ ମାଳ ଅଭିଯୋଗ



ଗଣିଆ,୧୦।୪(ସମିସ): ଗଣିଆ ବ୍ଲକ ସଭାଗୃହରେ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ନୋଡାଲ ଅଧିକାରୀ ତଥା ଗଣିଆ ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ର, ଅତିରିକ୍ତ ପ୍ରୋଗ୍ରାମ ଅଫିସର ଇତିଶ୍ରୀ ଦାସ, ମନରେଗା ସହାୟକ ଆଶୁତୋଷ ନାୟକ, ବ୍ଲକ ସୋସିଆଲ ଅଡିଟର କଲ୍ୟାଣୀ ସ୍ୱାଇଁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଯୋଜନାରେ ପୋଖରୀଠାରୁ ଆରମ୍ଭ କରି ରାସ୍ତା ନିର୍ମାଣ, ଚାରାରୋପଣ ଆଦି କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଗୋଟିଏ ଆର୍ଥିକ ବର୍ଷରେ ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଏ। ମନରେଗାରେ ୪୯ ଜଣ ଲୋକ ଶହେ ଦିନର କାର୍ଯ୍ୟ କରିଥିବା ଜଣାପଡ଼ିଛି। ବ୍ଲକରେ ୫୦୪୩ଟି କାର୍ଯ୍ୟ ଚାଲୁ ରହିଥିବା ବେଳେ ୪୫୮୫ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ବିଭିନ୍ନ ବିଭାଗର ୩୭ଟି ମାମଲାର ଆବଶ୍ୟକ କାଗଜପତ୍ର ଠିକଠାକ୍ ନ ଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ପାଇଁ ନୋଡାଲ ଅଫିସର ନିର୍ଦ୍ଦେଶ ଦେଇଥିଲେ। ଗଣିଆରେ ଉଦ୍ୟାନ ବିଭାଗ ନାମରେ ମାଳମାଳ ଅଭିଯୋଗ ଥିବା ବେଳେ ସର୍ବାଧିକ ଜରିମାନା ଉକ୍ତ ବିଭାଗରୁ ଆଦାୟ କରାଯାଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଣାଇଛନ୍ତି। ମଷ୍ଟରରୋଲ ବାହାରୁ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକପ୍ରତିନିଧିମାନେ ଅଭିଯୋଗ କରିଥିଲେ।

## କ୍ୱାର୍ଟର ଫାଇନାଲରେ ବାଙ୍କତରା

ଓଡ଼ଗାଁ,୧୦।୪(ସମିସ): ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ ତରଫରୁ ସମ୍ପାଦକ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୨୦ ବର୍ଷରୁ କମ୍ ପ୍ରଥମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି। ବିଜେପି ରାଜ୍ୟ ଯୁବ ସଂଯୋଜକ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଓଡ଼ଗାଁ (ସି) ଦଳ ଓ କୁରୁମ ବାଙ୍କତରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଙ୍କତରା ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାଙ୍କତରା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଓଡ଼ଗାଁ (ସି) ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୭ ରନ୍ କରିବାକୁ ସମର୍ଥ ହୋଇଥିଲା।

# ଆବାସ କାର୍ଯ୍ୟାଦେଶ ବଣ୍ଟନରେ ଟାଳଟୁଳ ନୀତି

ଖଣ୍ଡପଡ଼ା,୧୦।୪(ସମିସ): ଖଣ୍ଡପଡ଼ାରେ ଆବାସ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମକୁ ଶେଷ ସମୟରେ ବାତିଲ ଯୋଗୁଁ ହିତାଧିକାରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଶୁକ୍ରବାର ନଗର କଂଗ୍ରେସ ନେତୃତ୍ୱରେ ଏନଏସି ଅଫିସ ଘେରାଉ କରି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ହିତାଧିକାରୀ। ତୁରନ୍ତ କାର୍ଯ୍ୟାଦେଶ ନ ଦେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି କଂଗ୍ରେସ।

ଦଳ ପକ୍ଷରୁ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ରାଲି ବାହାରି ଏନଏସି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଜିଲ୍ଲା ଉପସଭାନେତ୍ରୀ ବିନୋଦିନୀ ମହାନ୍ତି କାର୍ଯ୍ୟାଳୟ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ପ୍ରାୟ ୨୦ ଦିନ ହେବ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ବଣ୍ଟନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ପ୍ରଶାସନକୁ ତୀବ୍ର ସମାଲୋଚନା କରିଥିଲେ। କେଉଁ କାରଣରୁ ହିତାଧିକାରୀଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି ବୋଲି କାଉନସିଲର ସରୋଜ ପ୍ରଧାନ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପ୍ରଶ୍ନ କରିଥିଲେ। ତେବେ ନିର୍ବାହୀ ଅଧିକାରୀ ମୂଳ ପ୍ରସଙ୍ଗରୁ ନିଜକୁ ଦୂରେଇ ରଖି ଖୁବଶୀଘ୍ର କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି କହିଥିଲେ। ଗତ ୭ ବର୍ଷ ପରେ ହିତାଧିକାରୀ ଆବାସ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରାଜନୈତିକ ଚକ୍ରବ୍ୟୂହରେ ଫସିଥିବା କଂଗ୍ରେସ ଅଭିଯୋଗ କରିଛି। ଆସନ୍ତା ୨୦ ତାରିଖ ସୁଦ୍ଧା କାର୍ଯ୍ୟଦେଶ ବଣ୍ଟନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି।



**କଂଗ୍ରେସ ପକ୍ଷରୁ ଏନଏସି କାର୍ଯ୍ୟାଳୟ ଘେରାଉ**

---

## ଅଟୋ ଓଲଟି ୭ ଦଣ୍ଡୁଆ ଆହତ

ଭାପୁର,୧୦।୪(ସମିସ): ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତର କିଛି ଦଣ୍ଡୁଆ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିର ଦର୍ଶନ କରି ଅଟୋରେ ଫେରିବା ସମୟରେ ଅଟୋଟି ଏକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୭ରୁ ଉର୍ଦ୍ଧ୍ୱ ଦଣ୍ଡୁଆ ଆହତ ହୋଇଛନ୍ତି। ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତ ଦଣ୍ଡୁଆମାନେ ହେଲେ ପାଟଣା ଜାମୁସାହି କାମେନା କୋଠିର ଫକୀର ବେହେରା, ସନ୍ତୋଷ କୁମାର ବେହେରା, କାବୁଲି କୁମାର ସାହୁ, ଗୋପାଳ ବେହେରା ଓ ବଡ଼ସହରା ଗ୍ରାମର ବସନ୍ତ କୁମାର ନାୟକ, ଆଲୋକ କୁମାର ପ୍ରଧାନ, ଅଯୋଧ୍ୟା ପଲେଇ। ସମସ୍ତଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଫକୀର ବେହେରା, ବସନ୍ତ ନାୟକ ଓ ଆଲୋକ ପ୍ରଧାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରି ତଦନ୍ତ କରୁଛି।

---

## ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବହେଳା, ଅଣଦେଖା

ନୟାଗଡ଼,୧୦।୪(ସମିସ)

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରୁ ୨୨ ଜଣ କର୍ମଚାରୀ ଅବସର ନେଇଛନ୍ତି। ୨୦୦୬ରୁ ଆଜି ସୁଦ୍ଧା ୨୦ ବର୍ଷ ବିତି ଗଲାଣି। ଚାକିରି କାଳ ମଧ୍ୟରେ ଷଷ୍ଠ ଓ ସପ୍ତମ ବେତନ କମିସନ ଆଧାରରେ ଦରମା ପାଇନାହାନ୍ତି କର୍ମଚାରୀ। ୨୦୦୬ ଜାନୁଆରୀ ପହିଲାରୁ ସଂଶୋଧିତ ଗ୍ରାଚ୍ୟୁଟି ମଧ ପାଇନାହାନ୍ତି। ଏହାକୁ ନେଇ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ତରଫରୁ ନିବନ୍ଧକଙ୍କ ନିକଟରେ ଆବେଦନ କରାଯାଇଥିଲା। ତେବେ ନିବନ୍ଧକ ଦରଖାସ୍ତକୁ ଅବିଚାରିତ ଭାବରେ ଖାରଜ କରିଦେଲେ। ସଂଘ ନିବନ୍ଧକଙ୍କ ଏହି ନିଷ୍ପତ୍ତି ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଅପିଲ କଲା। ୨୦୧୮ ସୁଦ୍ଧା ଅବସର ନେଇଥିବା କର୍ମଚାରୀ ସଂଘ ଜିଲ୍ଲାର ଡିଭିଜନାଲ ଲେବର କମିଶନରଙ୍କ ଅଦାଲତରେ ମଧ ଆବେଦନ କରିଥିଲା। ସମସ୍ତ କୋର୍ଟଙ୍କ ଦ୍ୱାରା ଆବେଦନ ଶୁଣାଣି ହୋଇ କର୍ମଚାରୀଙ୍କ ସପକ୍ଷରେ ରାୟ ମିଳିଲା। ସମସ୍ତ ରାୟକୁ ପରିଚାଳନା ପରିଷଦ ସମ୍ମାନର ସହ ଗ୍ରହଣ ଏବଂ କର୍ମଚାରୀଙ୍କ ପ୍ରାପ୍ୟ ଯାହାକି ଲଗାତର ଭାବରେ ସମୀକ୍ଷାରେ ପ୍ରାବଧାନ ହୋଇ ରହିଛି ସେମାନଙ୍କୁ ପ୍ରଦାନ କରିବା ପାଇଁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଲେ। ସମ୍ପାଦକ ପରିଚାଳନା ପରିଷଦର ନିଷ୍ପତ୍ତିକୁ ମାନିଲେ ନାହିଁ। ବିଭିନ୍ନ କୋର୍ଟଙ୍କ ରାୟକୁ ମଧ ମାନିଲେ ନାହିଁ। କର୍ମଚାରୀଙ୍କ ପକ୍ଷରୁ ଗତବର୍ଷ ହୋଇଥିବା ମାସ ମାସ ଧରି ଧାରଣା ଓ ଅନଶନକୁ ଗୁରୁତ୍ୱ ଦେଲେନାହିଁ। ହକ୍ ପ୍ରାପ୍ୟ ନ ଦେଇ ବ୍ୟାଙ୍କର ଅଭୂତପୂର୍ବ କ୍ଷତିକରି ସମ୍ପାଦକ କାଳକ୍ଷେପଣ କରିଚାଲିଲେ ଏବଂ ମିଛ ବାହାନା କରି ନିବନ୍ଧକଙ୍କ ଅନୁମୋଦନ ପାଇଁ ଚିଠି ଲେଖିଦେଇ ବସିଗଲେ। ଉଚ୍ଚ ନ୍ୟାୟାଳୟ ୨୦୨୫ରେ ୩ ମାସ ମଧ୍ୟରେ କର୍ମଚାରୀଙ୍କ ବକେୟା ଷଷ୍ଠ ବେତନ ଏବଂ ସପ୍ତମ ବେତନ ହାରରେ ପରିଚାଳନା ପରିଷଦ ଦେବା ପାଇଁ ସମ୍ପୂର୍ଣ୍ଣ କ୍ଷମତାପ୍ରାପ୍ତ ବୋଲି ରାୟ ଦେଲେ। ଏହା ମଧ୍ୟରେ ୪ ମାସ ବିତିବାକୁ ବସିଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଣଦେଖା ଓ ଅବହେଳା କରାଯାଉଛି। ୪୦ ବର୍ଷ ପରିଶ୍ରମ କରିଥିବା କର୍ମଚାରୀମାନେ ଶୂନ୍ୟହସ୍ତରେ ଅବସର ନେଇଥିବା ବେଳେ ୫୫ଜଣ ଇହଲୀଳା ସମ୍ବରଣ କରି ସାରିଲେଣି। ଅବଶିଷ୍ଟ ୧୭୦ ଜଣଙ୍କ ଅବସ୍ଥା ଦୟନୀୟ ରହିଛି। ଏଭଳି ସ୍ଥିତିରେ ଆଜିକୁ ୧୨ ଦିନ ହେବ ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣାରେ ବସିଥିଲେ ମଧ ତାଙ୍କ କଥା ବିଚାରକୁ ନିଆଯାଉନାହିଁ। ଯାହାକୁ ନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆଇନ ଅମାନ୍ୟ କରିବ ବୋଲି ଚେତାବନୀ ଦେଇଛି।

### ୩ ଜଣିଆ ଦଳ କଲେ ଛାନଭିନ୍

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଲାଗି ରହିଥିବା ଅଚଳାବସ୍ଥା ଏବେ ବି ଦୂର ହୋଇନାହିଁ। ବିଗତ ଦିନରେ ପରିଚାଳନା ପରିଷଦ ପକ୍ଷରୁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନାମରେ ହୋଇଥିବା ଅଭିଯୋଗର ଆଜି ତଦନ୍ତ ହୋଇଛି। ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ଏନେଇ ବ୍ୟାଙ୍କ ସଭାପତିଙ୍କୁ ଚିଠି କରିଥିଲେ। ୩ ଜଣିଆ ଟିମ୍ ଆଜି ଦିନତମାମ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବିଭିନ୍ନ କାଗଜପତ୍ର ଘାଣ୍ଟିଛନ୍ତି। ମୁଖ୍ୟତଃ ସମବାୟ ନିବନ୍ଧକଙ୍କ ବିନା ଅନୁମତିରେ କର୍ମଚାରୀଙ୍କୁ ମନଇଚ୍ଛା ବୋନସ ପ୍ରଦାନ କରାଯାଇଥିବା ପ୍ରମାଣ ତଦନ୍ତକାରୀ ଦଳ ପାଇଛନ୍ତି। ଆଗକୁ କ'ଣ ପରିସ୍ଥିତି ହେବ, ତାକୁ ନେଇ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି।

## ବେଆଇନ ମାଙ୍କଡ଼ା ପଥର ଟ୍ରକ ଜବତ

ଓଡ଼ଗାଁ,୧୦।୪(ସମିସ): ଓଡ଼ଗାଁ ଆଦର୍ଶ ଥାନା ପୁଲିସ ଗୁରୁବାର ରାତିରେ ଚଢ଼ଉ କରି ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ କରୁଥିବା ଏକ ମିନି ଟ୍ରକ ଜବତ କରିଛି। ଥାନା ଅଧିକାରୀ ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଟ୍ରକକୁ ପିଛା କରି ଅଟକାଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ହୋଲ୍ଡିଂ ଟ୍ୟାକ୍ସରେ ୧୫ ପ୍ରତିଶତ ରିଆତି

ଓଡ଼ଗାଁ,୧୦।୪(ସମିସ): ଓଡ଼ଗାଁ ଏନ୍ଏସି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ, ବ୍ୟବସାୟୀ ଏବଂ ବିଭିନ୍ନ ସରକାରୀ ଓ ଘରୋଇ ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଯଦି ଚଳିତ ଏପ୍ରେଲ ଶେଷ ସୁଦ୍ଧା ହୋଲ୍ଡିଂ ଟ୍ୟାକ୍ସ ଏନଏସି କାର୍ଯ୍ୟାଳୟରେ ପୈଠ କରନ୍ତି, ତେବେ ସେମାନଙ୍କୁ ୧୫ ପ୍ରତିଶତ ରିଆତି ମିଳିବ। ଏହି ରିଆତି ସୁବିଧା କେବଳ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରହିଥିବା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ଡାକ୍ତରଖାନା ଜମି ଚିହ୍ନଟ ପାଇଁ ମାପଚୁପ

ଭାପୁର,୧୦।୪(ସମିସ): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଚୀର ନିର୍ମାଣ କରାଯିବ। ଏ ନେଇ ଡାକ୍ତରଖାନା ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଭାପୁର ତହସିଲ କାର୍ଯ୍ୟାଳୟ ସୁପରଭାଇଜର ପ୍ରଫୁଲ୍ଲ କୁମାର ନାୟକ, ଭାପୁର ଆର୍ଆଇ ସଞ୍ଜୟ କୁମାର ପ୍ରଧାନ, ଅତିରିକ୍ତ ଆର୍ଆଇ ବିଶ୍ୱରଞ୍ଜନ ମଲ୍ଲ ଓ ଜ୍ଞାନରଞ୍ଜନ ମିଶ୍ର ଶୁକ୍ରବାର ମଧ୍ୟାହ୍ନରେ ବଜାରଠାରୁ ଚେନ୍ ପକାଇ ମାପଚୁପ କରିଛନ୍ତି। ମୁଖ୍ୟତଃ ଡାକ୍ତରଖାନାର ପଛପଟେ ଥିବା ଖାଲି ପଡ଼ିଆ ଜମି ଚିହ୍ନଟ କରାଯାଇଛି।

# ପୋଖରୀରେ ବୁଡ଼ି ଯୁବକ ମୃତ

ବେଗୁନିଆ, ୧୦।୪(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ନୁଆସାହିର ପ୍ରତାପ ସାହୁ(୪୪) ଗୁରୁବାର ସନ୍ଧ୍ୟାରେ ପୋଖରୀକୁ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ଏଥିରେ ପରିବାର ସଦସ୍ୟ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ଦିନ ପୋଷ୍ଟ ଅଫିସ ନିକଟରେ ଥିବା ଗୋଡ଼ିପୋଖରୀକୁ ଲୋକମାନେ ସକାଳୁ ଗାଧୋଇବାକୁ ଗଲାବେଳେ ତାଙ୍କର ଶବ ପୋଖରୀରେ ଭାସୁଥିବାର ଦେଖିବାକୁ ପାଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ପ୍ରାଥମିକ ତଦନ୍ତ କରିବା ସହ ଚିହ୍ନଟ କରିବାରୁ ମୃତକଙ୍କ ମା ଅନୁପମା ସାହୁଙ୍କୁ ଖବର ପଠାଇଥିଲେ। ଏ ନେଇ ପୁଲିସ ନିକଟରେ ଅଭିଯୋଗ କରିବା ପରେ ଶବକୁ ଜବତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ।

# ଭାଗବତ ବାସୁଦେବଙ୍କ ବାର୍ଷିକ ଉତ୍ସବରେ ଓଡ଼ିଶୀ ସଙ୍କୀର୍ତ୍ତନ

ବେଗୁନିଆ,୧୦।୪ (ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରି ଗ୍ରାମର ନୂଆସାହି ସ୍ଥିତ ଭାଗବତ ବାସୁଦେବଙ୍କ ୨୪ ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରାଯିବ। ଏହା ଚଳିତ ମାସ ୧୭ ରିଖରୁ ଆରମ୍ଭ ହୋଇ ୧୯ ରିଖରେ ସମାପନ ହେବ।ଏଥିରେ ଦିନିଆରି ଗ୍ରାମର ଓଡ଼ିଶୀ ସଙ୍କୀର୍ତ୍ତନ ଗାୟକ ମକରଧ୍ୱଜ ପଣ୍ଡା, କାଦୁଅପଡ଼ା ଗ୍ରାମର ଅଭିଜିତ ହୋତା,ଭୋଗଡା ଗ୍ରାମର ଗଣେଶ୍ୱର ନିଶଙ୍କ, ବସନ୍ତ ଗ୍ରାମର ପ୍ରଭାତ ବେହେରା, ପଙ୍ଗାରସିଂହ ଗ୍ରାମର ପ୍ରଶାନ୍ତ ଦାସ, ନୟାଗଡ଼ର ଚନ୍ଦ୍ରମଣି ମାଝୀ, କନ୍ଦରପୁର ଅଜୟ ଦାସ, ଢ଼ଅଁସର ଗ୍ରାମର ଅଶାନ୍ତ ଜେନା ଓ ମଙ୍ଗଳପୁର ବାନାମ୍ବର ପ୍ରଧାନ ପ୍ରମୁଖ ଯୋଗ ସଙ୍କୀର୍ତ୍ତନ ପରିବେଷଣ କରିବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# ବିଶିଷ୍ଟ ହୋମିଓପାଥିକ ଡାକ୍ତର ଗିରିଶ ଚନ୍ଦ୍ର ନାୟକଙ୍କ ପରଲୋକ



ଖୋର୍ଦ୍ଧା,୧୦।୪(ସମିସ): ବିଶ୍ୱ ହୋମିଓପାଥି ଦିବସରେ ହୋମିଓପାଥିକ ଡାକ୍ତରଙ୍କ ବିୟୋଗ ଘଟିଛି। ଖୋର୍ଦ୍ଧା ଅଂଚଳର ଜଣାଶୁଣା ହୋମିଓପାଥିକ ଚିକିତ୍ସକ ଡାକ୍ତର ଗିରିଶ ଚନ୍ଦ୍ର ନାୟକଙ୍କର ୭୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଶୁକ୍ରବାର ସକାଳୁ ତାଙ୍କର ହୃଦଘାତ ଘଟିଥିଲା। ତୁରନ୍ତ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଡାକ୍ତର ନାୟକ ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ଲୋକପ୍ରିୟ ଥିଲେ। ବାଲେଶ୍ୱର ନରସିଂହପୁରର ମୂଳନିବାସୀ ସ୍ୱର୍ଗତ ନାୟକ ଖୋର୍ଦ୍ଧା ବିଡିଏ କଲୋନୀର ସ୍ଥାୟୀ ବାସିନ୍ଦା ହୋଇଥିଲେ। ଏଠାରେ ସେ ପାଟଖଣ୍ଡା ମନ୍ଦିର ପ୍ରତିଷ୍ଠା କରିବା ପୂର୍ବକ ବାସନ୍ତିକ ଦୁର୍ଗାପୂଜା ତଥା ବାର୍ଷିକ ଉତ୍ସବ ଆୟୋଜନ କରୁଥିଲେ। ଖବର ପାଇ ବହୁ ବ୍ୟକ୍ତି ବିଡିଏ କଲୋନୀସ୍ଥିତ ବାସଭବନରେ ତାଙ୍କର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଜୀବନଜ୍ୟାତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନାୟକ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତୀତି ପଟ୍ଟନାୟକ, କନିଷ୍ଠ ପୁତ୍ର ସପନଜ୍ୟୋତି ଓ କନ୍ୟା ଲିପ୍ସା ଉପସ୍ଥିତ ଥିଲେ।

# ବେଣ୍ଟ ମେଳଣ ପଡ଼ିଆରେ ୧୧ କୋଠି ମେଳଣ



ଟାଙ୍ଗୀ,୧୦।୪(ସମିସ): ଶୁକ୍ରବାର ସନ୍ଧ୍ୟାରେ ବିଧିପୂର୍ବକ ନିଷ୍ଠାର ସହ ଚାନ୍ଦପୁର ନିକଟସ୍ଥ ବେଣ୍ଟ ମେଳଣ ପଡିଆରେ ୧୧ କୋଠି ଶମ୍ଭୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ପର୍ବରେ ନାଲସିଂହର ହଟକେଶ୍ୱର ଦେବ,ଅରିସଲର ବାବା ବାଙ୍କନିଧି ଦେବ, ଜଙ୍କିଆର ବାବା ବାଙ୍କନିଧି ଦେବ, ମଧୁପୁର ବାବା କମଳେଶ୍ୱର ଦେବ, ବେଣ୍ଟର ବାବା ବାଲୁଙ୍କେଶ୍ୱର ଦେବ, ସୁନ୍ଦରପୁରର ବାବା ମୁକ୍ତେଶ୍ୱରଦେବ,ଝାରପଡା ର ବାବା ନିଳକଣ୍ଠେଶ୍ୱର ଦେବ,ଚମ୍ପାଗଡ ର ବାବା ବାଲୁଙ୍କେଶ୍ୱର ଦେବ, ଚାନ୍ଦପୁରର ଐଶାନେଶ୍ୱର ଦେବ ସେହିଭଳି ଜେମାଦେଇପୁର ଓ କନ୍ଧନୟାଗଡର ଠାକୁର ଏହି କାର୍ଯ୍ୟକ୍ରମରେ ବିଜେ କରିଥିବା ଜଣାପଡିଛି। ଏହି ମେଳଣ ପର୍ବ ଦର୍ଶନ କରିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁ ଭିଡ଼ ଦେଖିବାକୁ ମିଳିଛି। ବେଣ୍ଟର ଠାକୁର ବାବା ବାଲୁଙ୍କେଶ୍ୱର ଦେବ ସମସ୍ତ ନିମନ୍ତ୍ରିତ ଠାକୁର ମାନଙ୍କୁ ସ୍ୱାଗତ କରିଥିଲେ। ଘଣ୍ଟ ଘଣ୍ଟି,ବିଭିନ୍ନ ବାଦ୍ୟ ରେ ମେଳଣ ପଡିଆ ପ୍ରକମ୍ପିତ ହେଉଥିବା ଦେଖିବାକୁ ମିଳିଛି। ନରେନ୍ଦ୍ର ପରିଡା ଓ ତାଙ୍କ ପୁତ୍ର ସୁବାସ ଚନ୍ଦ୍ର ପରିଡା ଓ ବେଣ୍ଟ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରାୟଣ ମହାପାତ୍ର, ବାଳକୃଷ୍ଣ ମିଶ୍ର, ପ୍ରଦ୍ୟୁମ୍ନ ସାଥୁଆ, ରବୀନ୍ଦ୍ର କୁମାର ନାୟକ, ବଦ୍ରିନାରାୟଣ ଚୌଧୁରୀ, ସଂଜିବ ପରିଡା, ନରେନ୍ଦ୍ର ପଲାଇ, ଡମ୍ବରୁଧର ସ୍ୱାଇଁ, ଦେବପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚରେ ଠାକୁରଙ୍କ ସଂପର୍କରେ ଉଦବୋଧନ ଦେଇଥିଲେ।

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

## କାର ଓ ମିନିଟ୍ରକ ଜବତ

ଖୋର୍ଦ୍ଧା,୧୦।୪(ସମିସ)



ଅବକାରୀ ବିଭାଗ ପକ୍ଷରୁ ଆଜି ପୃଥକ ସ୍ଥାନରେ ଚଢ଼ଉ କରାଯାଇ ୧କ୍ୱିଣ୍ଟାଲ ୯୬୦କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଗଜପତିନଗରର କାଳୁଚରଣ ଦାସ (୪୫), କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଲହବାଡି ର ମହେଶ ମଲ୍ଲିକ (୨୧) ଓ ବଇଡାର ପ୍ରକାଶ ପ୍ରଧାନ (୩୮)। ଏମାନଙ୍କ ଠାରୁ ଗଞ୍ଜେଇ ସମେତ ଏକ କାର ଓ ମିନିଟ୍ରକ୍‌କୁ ଜବତ କରାଯାଇଛି ବୋଲି କାର୍ଯ୍ୟାଳୟ ପରିସରରେ ଆଜି ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦୁଇଟି ଯାକ ଘଟଣାରେ ଜବତ ଗଞ୍ଜେଇ ଓ ଗାଡିକୁ ମିଶାଇ ମୂଲ୍ୟ ୧କୋଟି ୨୨ଲକ୍ଷ ହେବ ବୋଲି ଅବକାରୀ ସୁପରିଟେଣ୍ଡ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ନୟାଗଡ଼ରୁ ଜଙ୍କିଆ ଅଭିମୁଖେ ଗଞ୍ଜେଇ ବୋଝେଇ ହୋଇ ଏକ ମିନିଟ୍ରକ ଆସୁଥିବା ଟାଙ୍ଗୀ ଅବକାରୀ ବିଭାଗ ଖବର ପାଇଥିଲା। ତାକୁ ଧରିବା ଲାଗି ଆଜି ମଧ୍ୟାହ୍ନ ୧.୧୫ମି ସମୟରେ ଟାଙ୍ଗୀ ଅବକାରୀ ଟିମ୍ ଛଣଗିରି ରାସ୍ତାର ଫୁଟବଲ ଖେଳପଡିଆ ସମ୍ମୁଖରେ ଗାଡିକୁ ଅଟକାଇ ଯାଂଚ କରିଥିଲା। ଯାଂଚବେଳେ ଗାଡି ଭିତରୁ ୩୦କେଜି ଲେଖାଏଁ ବନ୍ଧା ହୋଇଥିବା ୩୨ବସ୍ତା ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ଓ ଗାଡିର ମୂଲ୍ୟକୁ ମିଶାଇ ମୋଟ ୧କୋଟି ୧ଲକ୍ଷ ହେବ ବୋଲି ବିଭାଗ ଆକଳନ କରିଛି। ଏହି ଘଟଣାରେ କାଳୁଚରଣ କୁ ଅବକାରୀ ଟିମ୍ ଗିରଫ କରିଥିବାବେଳେ ତାଠାରୁ ଉକ୍ତ ମିନିଟ୍ରକ ଓ ମୋବାଇଲ୍‌କୁ ଜବତ କରିଛି।

ସେହିପରି ଆଜି ସକାଳ ୬ଟା ସମୟରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଚଢଉ କରି ଏକ କାରରୁ ୧କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲେ। ଉକ୍ତ କାରକୁ ମଧ୍ୟ ଅବକାରୀ ଟିମ୍ ଜବତ କରିଥିଲେ। ଜବତ ଗଞ୍ଜେଇ ର ମୂଲ୍ୟ ୧୦ଲକ୍ଷ ଓ ଗାଡିର ମୂଲ୍ୟ ୧୧ଲକ୍ଷକୁ ମିଶାଇ ମୋଟ ୨୧ଲକ୍ଷ ହେବ ବୋଲି ବିଭାଗ ଆକଳନ କରିଥିବା ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଦୁଇଟି ପୃଥକ ମାମଲାରେ ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶ୍ରୀମତୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଟାଙ୍ଗୀ ଇନ୍ସପେକ୍ଟର ଅଜିତ ପାତ୍ର, ଖୋର୍ଦ୍ଧା ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଓଆଇସି ଟାଙ୍ଗୀ ରମେଶ ଚନ୍ଦ୍ର ବାରିକ, ଓଆଇସି ଖୋର୍ଦ୍ଧା ସୁଜିତ କୁମାର ମୁଦୁଲି, ଏଏସ୍‌ଆଇ ସମ୍ଭୁନାଥ ପାତ୍ର, ବାଲୁଗାଁ ଅବକାରୀ ବିଭାଗ ଏଏସ୍‌ଆଇ ରାମଚନ୍ଦ୍ର ଜେନା, ଏଏସ୍‌ଆଇ ସମରେନ୍ଦ୍ର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

# ଗଡ଼ିଲା ଜନଗଣନାରୁ ଜନକଲ୍ୟାଣ ରଥ



ଖୋର୍ଦ୍ଧା,୧୦।୪(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନାରୁ ଜନକଲ୍ୟାଣ ରଥ ଆଜି ପୂର୍ବାହ୍ନରେ ଗଡିଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଜିଲ୍ଲାରେ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ବୁଲି ଜନସାଧାରଣ ମାନଙ୍କୁ ଜନଗଣନା ବିଷୟରେ ଏବଂ ସ୍ୱ ଗଣନା କିପରି କରିବେ ସେ ସମ୍ପର୍କରେ ରଥ ଡ଼ାକବାଜି ଯନ୍ତ୍ର ଓ ଲିଖିତ ଭାବେ ସଚେତନତା କରିବ। ଏହି କାର୍ଯ୍ୟକ୍ରମରେ ଗୃହ ଗଣନା ୧୬ ଅପ୍ରିଲ୍ ୨୦୨୬ ରୁ ୧୫ ମଇ ୨୦୨୬, ଦେଶର ପ୍ରଥମ ଡିଜିଟାଲ ସ୍ୱ ଗଣନାରେ ୧ ଅପ୍ରେଲ ୨୦୨୬ ରୁ ୧୫ ଅପ୍ରେଲ ୨୦୨୬ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଅନଲାଇନ୍ ଯୋଗେ ନିଜେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ସଠିକ୍ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ ବୋଲି ପରାମର୍ଶ ଦିଆଯାଇଛି।

ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ କୁମାର ସେଠୀ, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ, ରଞ୍ଜନ କୁମାର ଜେନା, ସ୍ୱିଟି ସୋରେନ, ଆର୍ତତ୍ରାଣ ମଲ୍ଲିକ, ଆସିଷ୍ଟାଂଟ କଲେକ୍ଟର ରିଷବ ତ୍ରିପାଠୀ, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ଶିଶୁ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୦।୪(ସମିସ) : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଖୋର୍ଦ୍ଧା ପକ୍ଷରୁ ନୂତନ ଭାବରେ ଯୋଗ ଦେଇଥିବା ଶିଶୁ ମଙ୍ଗଳ ସମିତି (ସି.ଡବ୍ଲୁ.ସି.) ଓ ଶିଶୁ ଯତ୍ନ ଅନୁଷ୍ଠାନ (ସି.ସି.ଆଇ.)ର କର୍ମକର୍ତାମାନଙ୍କ ପାଇଁ ଶିଶୁ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆଜି ଜିଲ୍ଲା ସଦଭାବନା ଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ଅକାର ସୁରକ୍ଷା, ଜୁଭେନାଇଲ ଜଷ୍ଟିସ (ଜେ.ଜେ.) ଆଇନ, ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅବହେଳା ନିବାରଣ ଏବଂ ସଠିକ୍ ପୁନର୍ବାସନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଅଲୋଚନା କରାଯାଇଥିଲା।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେଉରା ଯୋଗଦେଇ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷିତ ପରିବେଶ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ସି.ଡବ୍ଲୁ.ସି. ଓ ସି.ସି.ଆଇ. କର୍ମକର୍ତ୍ତାମାନେ ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳ ସ୍ତମ୍ଭ ଭାବେ କର୍ଯ୍ୟ କରନ୍ତି। ଏହି ଅଭିମୁଖୀକରଣରେ କେସ୍ ମ୍ୟାନେଜମେଂଟ, ଶିଶୁଙ୍କ ସହ ମାନବିକ ବ୍ୟବହାର, ଏବଂ ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଖୋର୍ଦ୍ଧା ଏବଂ ଅତିରିକ୍ତ ଶିଶୁ ମଙ୍ଗଳ କମିଟି ଖୋର୍ଦ୍ଧା ଭୁବନେଶ୍ୱର ର ଅଧ୍ୟକ୍ଷା ଯଥାକ୍ରମେ କାନ୍ତା ମହାନ୍ତି, ମମତା ସାହୁ ଏବଂ ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହିତ ସମସ୍ତ ସି.ସି.ଆଇ ପ୍ରତିନିଧି ଓ ଶିଶୁ ସୁରକ୍ଷା କ୍ଷେତ୍ରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ପରାମର୍ଶଦାତ୍ରି ମନସ୍ୱିନୀ ମହାପାତ୍ର, ସାମଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ରିତାଞ୍ଜଳୀ ମହାନ୍ତି, ଅର୍ଚ୍ଚନା ରାୟ, ଅଶୋକ କୁମାର ସେଠୀ ଏବଂ ସୁକାନ୍ତ କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ଜଳେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ, ୧୦।୪ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଗ୍ରାମର ଆରାଧ ଦେବତା ଜଳେଶ୍ୱରଦେବଙ୍କ ପୀଠରେ ତିନି ଦିନ ଧରି ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି । ଏଥିରେ କୃଷ୍ଣଚନ୍ଦ୍ର କର ଶର୍ମାଙ୍କ ତତ୍ୱାବଧାନରେ ନବ କିଶୋର ମହାପାତ୍ର ଓ ପତ୍ନୀ ସତ୍ୟଭାମା କର୍ତ୍ତା ଭାବେ ଉପବେସନ କରିବା ପରେ ବୈଦିକ ରୀତି ନୀତି ଅନୁଯାଇ ଅଙ୍କୁରାରୋପଣ, ମଣ୍ଡଳକରଣ, ନାମଯଜ୍ଞ,ସହ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ସ୍ଥଳରେ ସ୍ଥାପନ ହୋଇଥିଲା। ପରେ ଶାଳା ପୂଜା, ବ୍ରାହ୍ମଣ ବରଣ, ଅଗ୍ନି ସ୍ଥାପନ, ଚଣ୍ଡୀ ଆହୁତି, ପୂର୍ଣ୍ଣ ଜଳ ଛାୟା, ତୀର୍ଥାବାହନ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଶିବ ମନ୍ତ୍ରରେ ଆହୁତି ସହ ପୂର୍ଣ୍ଣାହୁତି ଭକ୍ତି ଭାବମୟ ପରିବେଶ ନାମ ସଙ୍କୀର୍ତ୍ତନ ମଧ୍ୟରେ ସମାପନ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ଟ୍ରାକ ଗୀତିକାର ପ୍ରଫୁଲ୍ଲ ଦେଉରୀଙ୍କ ଦ୍ୱାରା ଭଜନ ଓ ବଡବେରଣା ମା' କାଳିକା ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା।

# ମହାପାଟଦେଇ କାଳିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ବେଗୁନିଆ, ୧୦।୪ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗାପୂଜା ମଣ୍ଡପ ନିକଟରେ ମହା ପାଟଦେଇ କାଳିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଦର୍ଶକଙ୍କ ମନ ଜିଣି ନେଇଥିଲା। ଏଥିରେ ଲୋକନାଥ ଜେନାଙ୍କ ସଂଯୋଜନାରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମଧୁ ସୁଦନ ସୁବୁଦ୍ଧି ମୁଖ୍ୟଅତିଥି, ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା,ପୂର୍ଣ୍ଣ ଚନ୍ଦ୍ର ଦାସ ଓ ରାମ ଚନ୍ଦ୍ର ପାଳଙ୍କ ସମେତ ଅତିଥି ମାନେ ଯୋଗ ଦେଇ ମହୋତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିବାରେ ସକ୍ଷମ ହୋଇ ଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଭୁବନେଶ୍ୱର କଳାଭୂମି ସୁଗମ ସଙ୍ଗୀତ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

## ଭେଙ୍କଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟ

# ଭାରପ୍ରାପ୍ତ କୁଳସଚିବ ଭାବେ ଦାୟିତ୍ୱ ନେଲେ ବଳଭଦ୍ର ଉପାଧ୍ୟାୟ



ନିରାକାରପୁର, ୧୦।୪ (ସମିସ): ଓଡ଼ିଶାର ବୈଦିକ ପାଣ୍ଡିତ୍ୟ ପରମ୍ପରାରେ ଯୋଡ଼ି ହୋଇଛି ଏକ ନୂତନ ଅଧ୍ୟାୟ। ଆଦିବରାହ କ୍ଷେତ୍ର ତିରୁପତିସ୍ଥିତ ପ୍ରସିଦ୍ଧ ଶ୍ରୀ ଭେଙ୍କଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଦିବ୍ୟସିଂହପୁର ଗ୍ରାମର ସନ୍ତାନ ଡ. ବଳଭଦ୍ର ଉପାଧ୍ୟାୟ। ଗତ ୭ ଏପ୍ରିଲ ୨୦୨୬ରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ବୈଦିକ ପାଣ୍ଡିତ୍ୟ ଓ ଦୀର୍ଘ ଅଭିଜ୍ଞତା ଡଃ ଉପାଧ୍ୟାୟ ଅଥର୍ବବେଦ, ପୈପ୍ପଲାଦ ଓ ଶୌନକ ଶାଖାର ଜଣେ ପ୍ରକାଣ୍ଡ ବିଦ୍ୱାନ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ। ସେ ଦୀର୍ଘ ୨୦ ବର୍ଷ ଧରି ଶ୍ରୀଭେଙ୍କଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟରେ ଅଥର୍ବବେଦ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଡ. ଉପାଧ୍ୟାୟଙ୍କ ଏହି ନୂତନ ଦାୟିତ୍ୱ ଓଡ଼ିଶାର ସଂସ୍କୃତି ଓ ବୈଦିକ ପରମ୍ପରାକୁ ଜାତୀୟ ସ୍ତରରେ ଅଧିକ ସମୃଦ୍ଧ କରିବ ବୋଲି ଆଶା କରାଯାଉଛି।

# ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହେଲେ ନିକୁଞ୍ଜ କିଶୋର ପଟ୍ଟନାୟକ



ଖୋର୍ଦ୍ଧା,୧୦।୪(ସମିସ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ତନ୍ମଧ୍ୟରେ ଖୋର୍ଦ୍ଧା ର ବରିଷ୍ଠ ବିଜେପି ନେତା ତଥା ବିଜେପି ର ଜଣେ ସକ୍ରୀୟ ସଦସ୍ୟ ନୀକୁଞ୍ଜ କିଶୋର ପଟ୍ଟନାୟକଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନୀତ କରାଯାଇଛି। ଶ୍ରୀ ପଟ୍ଟନାୟକ ୧୯୭୫- ୧୯୯୪ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡିଶା ପ୍ରଦେଶ ପ୍ରାନ୍ତ ସେବା ପ୍ରମୁଖ ଭାବରେ କାର୍ଯ୍ୟ କରିଥିବାବେଳେ ୧୯୯୪ ମସିହାରୁ ଆଜି ପର୍ଯ୍ୟନ୍ତ ବିଜେପି ପାଇଁ କାର୍ଯ୍ୟ କରୁଛନ୍ତି। ୨୦୦୬-୨୦୦୯ ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରୁଥିଲେ। ୨୦୦୯-୨୦୧୨ କୋରାପୁଟ ଜିଲ୍ଲା ପ୍ରଭାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ସମୟ ରେ ଭୁବନେଶ୍ୱର ଲୋକସଭା ସାଂସଦ ଏବଂ ଖୋର୍ଦ୍ଧା ବିଧାୟକ ଙ୍କ ନିର୍ବାଚନ ପ୍ରଚାର ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହେବାପରେ ଶ୍ରୀ ପଟ୍ଟନାୟକଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବଡ଼ପୋଖରିଆରେ ନିର୍ମାଣ ହେବ ଅତ୍ୟାଧୁନିକ 'ଟ୍ରମ୍ପେଟ୍ ଇଣ୍ଟରଚେଞ୍ଜ'

## କୋଷ୍ଟାଲ ହାଇୱେ ସହ ସଂଯୋଗ ହେବ ଏନ୍‌ଏଚ୍ ୧୬

ନିରାକାରପୁର,୧୦।୪ (ସମିସ)

ଓଡ଼ିଶାର ବହୁ ପ୍ରତୀକ୍ଷିତ ବଡ଼ପୋଖରିଆ-ମସାକଣି କୋଷ୍ଟାଲ ହାଇୱେ ପ୍ରକଳ୍ପରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ତହସିଲ ଅନ୍ତର୍ଗତ ବଡ଼ପୋଖରିଆଠାରେ ଏହି ବିଶାଳ ପ୍ରକଳ୍ପର ଶୁଭାରମ୍ଭ ସ୍ଥଳରେ ଏକ ଅତ୍ୟାଧୁନିକ 'ଟ୍ରମ୍ପେଟ୍ ଇଣ୍ଟରଚେଞ୍ଜ' ନିର୍ମାଣ ପାଇଁ ବୈଷୟିକ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଯାତାୟାତ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାଧାମୁକ୍ତ ହେବା ସହ ଗାଡ଼ି ଚଳାଚଳ ଅତ୍ୟନ୍ତ ସୁଗମ ହେବ। ଏହି ସ୍ଥାନରେ ରାଜ୍ୟର ଦୁଇଟି ପ୍ରମୁଖ ଜାତୀୟ ରାଜପଥ ୧୬ (କୋଲକାତା-ଚେନ୍ନାଇ) ଏବଂ (କୋଷ୍ଟାଲ ହାଇୱେ) ପରସ୍ପର ସହିତ ସଂଯୋଗ ହେଉଛନ୍ତି। ଏହି ଜଙ୍କସନରେ ଗାଡ଼ିଗୁଡ଼ିକର ଅବାଧ ଗତିଶୀଳତା ବଜାୟ ରଖିବା ପାଇଁ ଟ୍ରମ୍ପେଟ୍ ଇଣ୍ଟରଚେଞ୍ଜ ଏକ ପ୍ରଭାବଶାଳୀ ମାଧ୍ୟମ ହେବ। କେଏମଏଲ ମ୍ୟାପ୍ ଜରିଆରେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଚିହ୍ନଟ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ଏହି ଇଣ୍ଟରଚେଞ୍ଜ ନିର୍ମାଣ ହେବା ଫଳରେ ଦକ୍ଷିଣ ଓଡ଼ିଶା ଓ ଦକ୍ଷିଣ ଭାରତରୁ ଆସୁଥିବା ଯାନବାହନଗୁଡ଼ିକ ବିନା ଭିଡ଼ରେ ସିଧାସଳଖ ପୁରୀ, ଅସ୍ତରଙ୍ଗ ଏବଂ ପାରାଦୀପ ଆଡ଼କୁ ଯାଇପାରିବେ। ସେହିପରି କୋଷ୍ଟାଲ ହାଇୱେ ପଟୁ ଆସୁଥିବା ଗାଡ଼ିଗୁଡ଼ିକ ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ସହ ଆଭ୍ୟନ୍ତରୀଣ ଜିଲ୍ଲା ଯଥା ନୟାଗଡ଼, ଅନୁଗୁଳ ଏବଂ ଢେଙ୍କାନାଳକୁ ସହଜରେ ଯାତାୟାତ କରିପାରିବେ। ନିରାକାରପୁର, ଭୁଷଣ୍ଡପୁର, ଗଡ଼ଖାରଦ, ଟାଙ୍ଗି, ଜଙ୍କିଆ ଏବଂ ଖୋର୍ଦ୍ଧା ଅଞ୍ଚଳର ବାସିନ୍ଦାମାନେ ଏହି ପଏଣ୍ଟ ମାଧ୍ୟମରେ ହିଁ କୋଷ୍ଟାଲ ହାଇୱେରେ ପ୍ରବେଶ ଓ ପ୍ରସ୍ଥାନ କରିବାର ସୁବିଧା ପାଇବେ। ଏହା ଅଞ୍ଚଳର ଅର୍ଥନୀତି ଓ ପର୍ଯ୍ୟଟନର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ପ୍ରକଳ୍ପର 'ରାଇଟ୍ ଅଫ୍ ୱେ' ପରିସର ମଧ୍ୟରେ ଥିବା ପ୍ରସିଦ୍ଧ ମା' ସୁନେଇ ରୁପେଇ ମନ୍ଦିର, ନବ ନିର୍ମିତ ଏକ ପେଟ୍ରୋଲ ପମ୍ପ, ଏକ ହୋଟେଲ ଏବଂ କିଛି ବ୍ୟବସାୟିକ ଦୋକାନ ଗୃହ ଗୁଡ଼ିକ ଆସୁଥିବାରୁ ସେଗୁଡ଼ିକର ବିସ୍ଥାପନ ପ୍ରକ୍ରିୟା ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଜଣାପଡିଛି। ଏହି ବିଶାଳ ଭିତ୍ତିଭୂମି ପ୍ରକଳ୍ପ ଶେଷ ହେଲେ ଖୋର୍ଦ୍ଧା ଜିଲ୍ଲାର ପରିବହନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ।




# ଓଡ଼ିଆ ପକ୍ଷରେ କଳାକାର ସମ୍ବର୍ଦ୍ଧନା ଦିବସ

ବାଣପୁର,୧୦।୪(ସମିସ) : ସ୍ୱତନ୍ତ୍ର ଉତ୍କଳ ଦିବସରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବାଣପୁର ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ କଳାକାର ସମ୍ବର୍ଦ୍ଧନା ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ସଂଧ୍ୟାଦେବୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ ଚିଲିକାର ସଭାପତି ରଙ୍କନାଥ ସେଠୀ, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ଼ଃ ଚିନ୍ତାମଣି ମିଶ୍ର, ନାଟ୍ୟକାର ମହେଶ୍ୱର ଜେନା, ଆମ ଭାଷା ସାହିତ୍ୟ ସଂସ୍କୃତିର ସଭାପତି ସୁଶାନ୍ତ କୁମାର ଦାଶ, ଶେଷଦେବ ମହାରଣା, ଶଶି ଭୂଷଣ ବରାଳ, ଶଙ୍କର ନାୟକ ପ୍ରମୁଖ ଯୋଗଦେଇ ବାଣପୁର ଅଞ୍ଚଳର ପ୍ରାଚୀନ ପାଲା, ଦଣ୍ଡନୃତ୍ୟ, ଦାସକାଠିଆ, ସଂକୀର୍ତ୍ତନ, ଓଡ଼ିଶୀ ନୃତ୍ୟ ସଂଗୀତର ପାଲା ପରିବେଷଣ କରିଥିବା ବେଳେ, କଳାକାର ପ୍ରମୋଦ କୁମାର ମହାପାତ୍ର, ଗୋଲକବିହାରୀ ସେଣ ଏବଂ କାହ୍ନୁଚରଣ ନାୟକ, ଗଦାଧର ନାୟକ ଦାସକାଠି ପରିବେଷଣ କରିଥିଲେ। ତତସହିତ କଳାକାରମାନଙ୍କୁ ଉପଯୁକ୍ତ ସମ୍ମାନ ଜଣାଇବା ସହ ଏହାର ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ସ୍ଥାନୀୟ ପାଲାକାର ବିଭୂତି ଭୂଷଣ ଦାଶ ଓ ସାଥି ମା' ଭଗବତୀ କଳାନିକେତନର ମୁଖ୍ୟ ହରପ୍ରିୟା ବାରିକ ଓ ସାଥି କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଟ୍ରଷ୍ଟ ତରଫରୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅନୁଷ୍ଠାନର ବିରେନ୍ଦ୍ର କୁମାର ବେହେରା, ଦେବାଶିଷ ପଣ୍ଡା, ରଂଜନ ପ୍ରଧାନ, ଟୁନି ଦାସ, ସୁରେନ୍ଦ୍ର ଶବର ଓ ସୁଶାନ୍ତ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



